# ଏନ୍‌ଜିଟି ନିୟମ ମାନୁନାହାନ୍ତି ବ୍ୟବସାୟୀ

■ ବିନା ଏନ୍‌ଓସିରେ ଚାଲିଛି ମାଟି ଇଟାଭାଟି
■ ଲଘୁ ଖଣିଜ ସମ୍ପଦ ଚୋରି ହେଉଥିବା ଅଭିଯୋଗ


କେନ୍ଦ୍ରାପଡ଼ା ବ୍ଲକ୍ ଦୁତିଆଳଠାରେ ଏକ ଇଟାଭାଟିରୁ ଧୂଆଁ ବାହାରୁଛି ।

କେନ୍ଦ୍ରାପଡ଼ା,୨୫।୨(ଜଗନ୍ନାଥ ଧଳ)

ମାଟି ଇଟାଭାଟି ଓ ବାଲି ଚୋରାଚାଲାଣ ଜିଲାର ନଦୀଶଯ୍ୟାକୁ ନଷ୍ଟ କରୁଛି। ଏନ୍‌ଓସି ନ ଥାଇ ଅବାଧରେ ବାଲି ଚାଲାଣ ହେଉଛି। ବେଆଇନ ଲଘୁ ଖଣିଜ ସମ୍ପଦ ଚାଲାଣ ପାଇଁ ରାଜକୋଷକୁ ରାଜସ୍ୱ ମିଳୁ ନ ଥିବାବେଳେ ଏନ୍‌ଓସି ବିନା ଶହ ଶହ ମାଟି ଇଟାଭାଟି ପ୍ରସ୍ତୁତ ହେଉଛି। ଶିଶୁ ଶ୍ରମିକ ନିଯୋଜନ, ବାୟୁ ପ୍ରଦୂଷଣ ପ୍ରତି କାହାରି ଧ୍ୟାନ ନାହିଁ। ଏପରିକି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ ମାଟି ଇଟାଭାଟି ବ୍ୟବସାୟୀ ପ୍ରସ୍ତୁତ କରୁଛନ୍ତି। ଖରା ଆରମ୍ଭରୁ ଇଟାଭାଟି ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ଦର୍ଶାଇ ସୋମବାର ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିରରେ ହେନ୍ତାଳ ବନ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା।

ଏ ସମ୍ପର୍କରେ ହେନ୍ତାଳ ବନ ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତା ପ୍ରଭୁ ପ୍ରସାଦ ମହାପାତ୍ର କହିଛନ୍ତି, ଜିଲାର ନଦୀଶଯ୍ୟା ଏହି ବ୍ୟବସାୟୀଙ୍କ ନଜରରେ ଅଛି। ମାଟି, ବାଲି ପରି ଲଘୁ ଖଣିଜ ସମ୍ପଦ ପ୍ରତ୍ୟହ ଚୋରି ହେଉଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ଆଇନ ୧୯୮୬, ଅଗ୍ନିଶମ ବିଭାଗ, ଶ୍ରମ ବିଭାଗ, ରାଜସ୍ୱ, ଖଣି ବିଭାଗ ଆଦି ଏହି ବେଆଇନ ମାଟି ଇଟାଭାଟି ଉପରେ ରୋକ ଲଗାଇ ପାରୁନାହାନ୍ତି। ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ବିନାନୁମତିରେ ମାଟି ଇଟା ପ୍ରସ୍ତୁତ କରିବା ଓ ପୋଡ଼ିବା ବେଆଇନ। ଏହାସତ୍ତ୍ୱେ ଶତାଧିକ ମାଟି ଇଟାଭାଟି ପୋଡ଼ା ଯିବା ଯୋଗୁ ଧୂଆଁରେ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହେଉଛି। ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କହିଛନ୍ତ, ଖରା ସହିତ ଇଟାଭାଟି ତାତି ଲୋକଙ୍କୁ ଅସହ୍ୟ କରୁଛି। ଇଟାଭାଟିର ଧୂଆଁ ଓ ତାତି ମିଶି ସ୍ଥାନୀୟ ଅଞ୍ଚଳରେ ବିଷମୟ ପରିବେଶ ସୃଷ୍ଟି କରୁଛି। ଡେରାବିଶ ବ୍ଲକ ବନ୍ଧପଡ଼ା ଗ୍ରାମର ଅକ୍ଷୟ ବେହେରା କହିଛନ୍ତି, କିଛିଦିନ ପୂର୍ବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଏକ ଅଭିଯୋଗ ପତ୍ର ଦେଇଛି। ଅଭିଯୋଗ ମୁତାବକ, ତରଜଙ୍ଗା (ବାଲିଦିଆପାଟଣା)ର ଗୋଚର ଜମିରୁ କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ମାଟି ଉଠାଇ ନେଇ ଇଟାଭାଟି ପ୍ରସ୍ତୁତ କରିଛନ୍ତି। ଫଳରେ ଏହି ସ୍ଥାନରେ ପ୍ରାୟ ୩ରୁ ୪ ଫୁଟ ଗାଡ଼ ହୋଇଥିବାରୁ ଗୋଚାରଣରେ ସମସ୍ୟା ହେଉଛି। କେନ୍ଦ୍ରାପଡ଼ାର ଶୁଭେନ୍ଦୁ କୁମାର ଦାସ କହିଛନ୍ତି, ଗୋଚର, ଅନାବାଦୀ, ବଗଚର, ନୟନଯୋଡ଼ି, ନଦୀପଠା ଆଦିରୁ ଇଟାଭାଟି ମାଲିକମାନେ ମାଟି ଉଠାଉଛନ୍ତି। ତହସିଲଦାରଙ୍କ ନଜରକୁ ଏସବୁ ଆସୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ବାଲି, ମାଟି ବାବଦ ରାଜସ୍ୱ ରାଜକୋଷକୁ ମିଳୁନାହିଁ। ଇନ୍ଦୁପୁରର ଦେବାଶିଷ ଜେନା କହିଛନ୍ତି, ଜିଲା ମଧ୍ୟ ଦେଇ ଯାଇଥିବା ନଦୀର ପଠା ଏବେ ଏପରି ବ୍ୟବସାୟୀଙ୍କ ପେଣ୍ଠସ୍ଥଳ ପାଲଟିଛି। ପଠା ଆଖପାଖ ବାଲିଆ ଦୋରସା ମାଟି ମିଳୁଥିବାରୁ ନଦୀଶଯ୍ୟା ଅବସ୍ଥା ବେହାଲ ହୋଇଛି। ଇଟାଭାଟି ମାଲିକମାନେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, କଲିକତାର ମେଦିନାପୁର, ବସିହାରର ଛାପ୍ରା ଅଞ୍ଚଳର ଲୋକଙ୍କୁ ଏହି କାର୍ଯ୍ୟରେ ଲଗାଉଛନ୍ତି। ଏଥିରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳୁଛି। ଜନୈକ ଇଟାଭାଟି ମାଲିକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଘର ନିର୍ମାଣ ପାଇଁ ଫ୍ଲାଏ ଆଶ୍ ଇଟା ଫ୍ୟାକ୍ଟ୍ରି କମ୍ ଥିବାରୁ ମାଟିଇଟାକୁ ସମସ୍ତେ ଆଦର କରୁଛନ୍ତି। ଏହାକୁ କୁଟୀର ଶିଳ୍ପର ମାନ୍ୟତା ମିଳିଲେ ଯୁବ ଶିଳ୍ପୋଦ୍ୟୋଗୀ ବାହାରିବା ସହ ଶ୍ରମିକଙ୍କ କର୍ମନିଯୁକ୍ତି ସମସ୍ୟାର ଆଶୁ ସମାଧାନ ହୋଇପାରିବ। ଆଇନଜୀବୀ ବିଧୂଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏନ୍‌ଜିଟିର ବାରଣ ସତ୍ତ୍ୱେ ବେଆଇନ ଇଟାଭାଟି ନିର୍ମାଣ ଚାଲିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୧୯୮୬ ଆଇନ, ୨୦୦୫ରେ ନଦୀଶଯ୍ୟାର ୫୦୦ ମିଟର ମଧ୍ୟରେ ବାଲିଉଠାକୁ ବନ୍ଦ କରାଯାଇଛି। ଏ ନେଇ ଏକ ଜନସ୍ୱାର୍ଥ ମାମଲା କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ବେଆଇନ ମାଟି ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦର୍ଶ


@ ଅକ୍ଷୟ


@ ଲିପ୍‌ସିତା


@ ସିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିନ୍ନକ୍ଷମ ପୁଅକୁ ଧରି ଝାଟିମାଟି ଘରେ ଦିନ ବିତୁଛି

## ମିଳୁନି ଆବାସ ଯୋଜନାରେ ଘର


ଭିନ୍ନକ୍ଷମ ପୁଅ ବିକାଶ ସହ ମା' ।

ରାଜକନିକା,୨୫।୨(ସଞ୍ଜୟ କୁମାର ଦାଶ)

ପୁଅ ସମ୍ପୂର୍ଣ୍ଣ ଭିନ୍ନକ୍ଷମ, ଝିଁଟିମାଟି ଘରେ ମୁଣ୍ଡ ଗୁଞ୍ଜି ୪ ପ୍ରାଣୀ କୁଟୁମ୍ବଙ୍କୁ ଜୀବନ ବତାଇବାକୁ ପଡୁଛି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସଦର ବାଘବୁଦା ପଞ୍ଚାୟତ ଆରସା ଗାଁର ବୈଦ୍ୟନାଥ ସାହୁଙ୍କ ଏକମାତ୍ର ପୁଅ ବିକାଶ ଚନ୍ଦ୍ର ସାହୁ(୧୩)ଙ୍କ କ୍ଷେତ୍ରରେ। ବହୁ ଦିଅଁ ଦେବତାଙ୍କୁ ପୂଜା କରିବା ପରେ ପୁଅ ଜନ୍ମ ନେଇଥିଲା। ହେଲେ ଜନ୍ମରୁ ବିକାଶ ସମ୍ପୂର୍ଣ୍ଣ ଭିନ୍ନକ୍ଷମ। ଦଇବ ଯେମିତି ଦାଉ ସାଧିଲା। ତଥାପି ଭାଗ୍ୟ ଓ ବିଧାତାକୁ ସାକ୍ଷୀ ରଖି ପୁଅ ବଡ଼ ହେଉଛି। ହେଲେ ନା' ସେ କଥା କହିପାରୁଛି, ଶୁଣିପାରୁଛି, ତାର ମସ୍ତିଷ୍କ କାମ କରୁଛି, ନା' ସେ ଠିକ୍‌ରେ ନିଜର ନିତ୍ୟକର୍ମ ସାରିପାରୁଛି। ସରକାରୀ ସହାୟତା କହିଲେ କେବଳ ଭିନ୍ନକ୍ଷମ ଭତ୍ତା ମାତ୍ର ୧୨ଶହ ଟଙ୍କା ମିଳୁଛି।

ଏକ ଭଙ୍ଗା ଦଦରା ନୁଆଁଣିଆ ଝାଟିମାଟି କୁଡ଼ିଆରେ ବୈଦ୍ୟନାଥଙ୍କ ପରିବାର ରହୁଛନ୍ତି। ପରିବାର କହିଲେ, ସ୍ତ୍ରୀ କୁନିତା, ଭିନ୍ନକ୍ଷମ ପୁଅ ବିକାଶ ଓ ୫ ବର୍ଷର ଝିଅ। ବୈଦ୍ୟନାଥ ପର ଘରେ ମୂଲ ଲାଗିଲେ ଘରେ ଚୁଲି ଜଳେ। କେବେ କେମିତି କାମ ନ ମିଳିଲେ ଉପବାସ ରହିବାକୁ ପଡ଼େ ବୋଲି କୁନିତା ଲୁହ ଭରା କଣ୍ଠରେ କହିଥିଲେ। ସରକାରୀ ସହାୟତା କହିଲେ, ପରିବାରର ୩ ଜଣକୁ ମାସିକ ୧୫ କିଲୋ ଚାଉଳ ମିଳୁଛି। ଝିଅର ନାମ ରାଶନ କାର୍ଡରେ ଉଠିନାହିଁ। କଷ୍ଟେମଷ୍ଟେ ପରିବାର ଚଳିଯାଉଛି। ପୁଅ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ସତ୍ତ୍ୱେ ଡାକ୍ତର ତାଙ୍କୁ ୭୫% ପ୍ରମାଣ ପତ୍ର (ସାର୍ଟିଫିକେଟ) ଯୋଗାଇ ଦିଆଯାଇଛି। ଯଦି ସମ୍ପୂର୍ଣ୍ଣ ଭିନ୍ନକ୍ଷମର ପ୍ରମାଣ ପତ୍ର ମିଳନ୍ତା ତେବେ ପୁଅ ଅଧିକ ଭତ୍ତା ପାଇପାରନ୍ତା। ଯଦି ଆବାସ ଯୋଜନାରେ ଘରଖଣ୍ଡେ ମିଳିପାରନ୍ତା ତେବେ ପରିବାର ଖରା ବର୍ଷା ଶୀତ ଦାଉରୁ ରକ୍ଷା ପାଇପାରନ୍ତେ ବୋଲି ବୈଦ୍ୟନାଥ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବ୍ଲକ, ଜିଲା ପ୍ରଶାସନ ନିକଟରେ ବୈଦ୍ୟନାଥ ଆକୁଳ ନିବେଦନ କରିଛନ୍ତି।

# ଭୁଟଭୁଟି ଜବତ: ୬ ମତ୍ସ୍ୟଜୀବୀ ଗିରଫ

କେନ୍ଦ୍ରାପଡ଼ା, ୨୫।୨(ଜଗନ୍ନାଥ ଧଳ)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଭୁଟଭୁଟି ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝୀଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ମା' ଦଶଭୁଜା-୩ ନାମକ ଭୁଟଭୁଟିକୁ ଜବତ କରିଥିଲେ। ଜବତ ଭୁଟଭୁଟିରୁ ୧ କୁଇଣ୍ଟାଲ ମାଛ, ୧ଟି ଜିପିଏସ,୧ଟି ଭିଏଚଏଫ୍, ୧ଟି କାଣୀ ଜାଲ,୧ଟି ଲାଡେନ ଜାଲ ଜବତ କରାଯାଇଛି। ଭୁଟଭୁଟି ଥିବା ମତ୍ସ୍ୟଜୀବୀମାନେ ହେଲେ ଅମଲ ମଣ୍ଡଳ, ଯୋଗେଶ ବର୍ମାନ, ପ୍ରଶାନ୍ତ ମଣ୍ଡଳ, କ୍ରିଷ୍ଣପଦ ମଣ୍ଡଳ, ଶମ୍ଭୁ ଗିରି, ଜଗା ବାରିକ। ବନ ବିଭାଗ ସେମାନଙ୍କୁ ଗିରଫ କରି ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ଜଗତ୍‌ସିଂହପୁର ଅଞ୍ଚଳର ବୋଲି ଜଣାପଡିଛି।

# ଟାଟା ଷ୍ଟିଲ୍ କାରଖାନାରେ ଶ୍ରମିକ ମୃତ

ଯାଜପୁର,୨୫।୨(ହର୍ଷବର୍ଦ୍ଧନ ବେହେରା):

କଳିଙ୍ଗନଗର ଟାଟା ଷ୍ଟିଲର ଭେଣ୍ଡର ପାର୍ଟନର ଏଲ୍ ଆଣ୍ଡ ଟି କର୍ମଚାରୀ ଯୋଗେଶ ରାଜଭର(୩୬)ଙ୍କ ସୋମବାର ରାତି ପ୍ରାୟ ୧୦ଟା ୪୦ ମିନିଟ ସମୟରେ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ କାରଖାନାରେ ସିଡିକ୍ୟୁ-୩ ପ୍ରକଳ୍ପରେ କାମ କରୁଥିବା ସମୟରେ ଅଘଟଣ ଘଟିଥିଲା। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଦୁର୍ଘଟଣା ପରେ ତାଙ୍କୁ ତୁରନ୍ତ ପ୍ଲାଣ୍ଟ ପରିସରରେ ଥିବା ଫାଷ୍ଟ ଏ କେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା। ପରେ ଅଧିକ ଚିକିତ୍ସା ନିମନ୍ତେ ଟାଟା ଷ୍ଟିଲ ମେଡିକା ହସ୍ପିଟାଲକୁ ନିଆଯାଇଥିଲା। ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୧ଟା ୪୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଭର ଉତ୍ତରପ୍ରଦେଶର ଗାଜିପୁର ଜିଲାର ବାସିନ୍ଦା ଥିଲେ। ଟାଟା ଷ୍ଟିଲ ଏହାର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏକ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବା ପାଇଁ ସମର୍ପିତ ବୋଲି ସୂଚନା ଦିଆଯାଇଛି।

# ପାରାଦୀପ, ଆଖପାଖ ଅଞ୍ଚଳରେ ମୃଦୁ ଭୂମିକମ୍ପ

**ପାରାଦୀପ,୨୫।୨(ଶରତ ରାଉତ):** ଉପକୂଳ ଓଡ଼ିଶାର ପାରାଦୀପ ଓ ଆଖପାଖ ଅଞ୍ଚଳରେ ମଙ୍ଗଳବାର ସକାଳ ୬ଟା୯ରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହା ତିବ୍ରତା ୪.୦୯ ପ୍ରତିଶତ ବୋଲି ଜଣାପଡ଼ିଛି। ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଭୂକମ୍ପ ପରେ ସମୁଦ୍ରରେ ବେଶି ଅଧିକ ଜୁଆର ହୋଇ ନ ଥିଲା। କହିବାକୁ କଲେ,ଏହାର ଦୃଶ୍ୟ ସ୍ୱାଭାବିକ ଥିଲା। ମାତ୍ର ଲୋକେ ସୁନାମି ଭୟରେ ଭୟଭୀତ ହୋଇଯାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ମହିଳା ପ୍ରିୟଙ୍କା ତାରେଣିଆ କୁହନ୍ତି, ସକାଳୁ ପିଲାଙ୍କ ଟିଫିନ ପ୍ରସ୍ତୁତ କରିବାବେଳେ ବାସନ ଷ୍ଟାଣ୍ଡ ସାମାନ୍ୟ ହଲି ଯାଇଥିଲା। ସେହିପରି ବଡ଼ପଡ଼ିଆ ବଜାରର ଅରବିନ୍ଦ ସ୍ୱାଇଁ କୁହନ୍ତି, ଘରର କିଛି ଅଳନ୍ଧୁ ଖସିପଡ଼ିଥିଲା। ଏମିତି ଅନେକ ଲୋକ ମୃଦୁ ଭୂକମ୍ପ ଅନୁଭବ କରିଥିବା କହୁଛନ୍ତି। ୨୦୦୯ରେ ଏହାଠାରୁ ଅଧିକ ଅନୁଭବ ହୋଇଥିଲା।

# ୩ ରାଉଣ୍ଡ ଗୁଳି ଫୁଟାଇ ଖସିଗଲେ ଗୋଚାଲାଣକାରୀ

## ଗୋମାଂସ ବୋଝେଇ ମିନି ଟ୍ରକ୍ ଜବତ




ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୫।୨
(ପ୍ରଦୀପ୍ତ କୁମାର ପୃଷ୍ଟିଗିରିଜା ପ୍ରସାଦ ସାହୁ):

ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଛକ ନିକଟରେ ମଙ୍ଗଳବାର ବଜରଙ୍ଗ ଦଳପକ୍ଷରୁ ଏକ ଗୋମାଂସ ବୋଝେଇ ମିନି ଟ୍ରକକୁ ଅଟକ ରଖାଯାଇଛି। ଏହି ସମୟରେ ମିନି ଟ୍ରକ (ଡବ୍ଲ୍ୟୁବିକେ ୧୭୪୮)ର ପଛେପଛେ ଏକ ବୋଲେରୋ ଓ ୩ ବାଇକ୍ ଯୋଗେ ଆସୁଥିବା ଗୋଚାଲାଣକାରୀ ବନ୍ଧୁକରୁ ୩ ରାଉଣ୍ଡ ଗୁଳି ଚଳାଇଛନ୍ତି। ଗୁଳିରେ କାହାର କିଛି କ୍ଷତି ହୋଇନାହିଁ। ତେବେ ବଜରଙ୍ଗ ଦଳର କର୍ମକର୍ତ୍ତା ଟେକାପଥର ମାଡ କରିବାରୁ ସେମାନେ ମିନିଟ୍ରକ୍ ଡ୍ରାଇଭରଙ୍କୁ ନେଇ ଖସି ପଳାଇଛନ୍ତି। ବଜରଙ୍ଗ ଦଳର କର୍ମକର୍ତ୍ତା ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୋମାଂସ ବୋଝେଇ ମିନି ଟ୍ରକକୁ ଜବତ କରି ଥାନାକୁ ନେଇ ତଦନ୍ତ ଚଳାଇଛି।

ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଘଟିଥିବାବେଳେ ଜାତୀୟ ରାଜପଥରେ ଯାଉଥିବା ଲୋକେ ଜୀବନ ବଞ୍ଚାଇବାକୁ ଏଣେ ତେଣେ ଦୌଡ଼ିଥିଲେ। ଏପରିକି ରାଜପଥ କାର୍ଯ୍ୟ ଚାଲୁଥିବାବେଳେ ସେଠାରେ ଉପସ୍ଥିତ କାରିଗର ଓ ଶ୍ରମିକ ଭୟଭୀତ ହୋଇ ଯାଇଥିଲେ।

କେନ୍ଦ୍ରାପଡ଼ା ଅଞ୍ଚଳରୁ ଏକ ମିନି ଟ୍ରକ ଗୋମାଂସ ବୋଝେଇ କରି ଆସୁଥିବା କୌଣସି ସୂତ୍ରରୁ ବଡ଼ଚଣା ବଜରଙ୍ଗ ଦଳର କର୍ମୀ ଖବର ପାଇଥିଲେ। ଫଳରେ ୧୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବାଲିଚନ୍ଦ୍ରପୁର ଛକଠାରେ ଜଗି ରହିଥିଲେ। ଦିନ୨ଟାରେ ମିନି ଟ୍ରକ ଆସିବା ମାତ୍ରେ କର୍ମୀମାନେ ଅଟକାଇଥିଲେ। ପଛରେ ୩ ବାଇକରେ ଆସୁଥିବା ଗୋଚାଲାଣକାରୀ ଟ୍ରକ ଖସାଇ ନେବାକୁ ଚେଷ୍ଟା କରିଥିଲେ। ହେଲେ ନ ପାରିବାରୁ ପଛରେ ଆସୁଥିବା ତାଙ୍କର ଅନ୍ୟ ସଦସ୍ୟମାନେ ବୋଲେରୋରୁ ଗୁଳି ଫୁଟାଇଥିଲେ। ଏନେଇ ବାଲିଚନ୍ଦ୍ରପୁର ଥାନାରେ ବଡ଼ଚଣା ବଜରଙ୍ଗ ଦଳର ସଭାପତି ଅନନ୍ତ ଦାସ ଅଭିଯୋଗ କରିଛନ୍ତି।

ସେହିପରି ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ନିକଟରେ ଏକ ପିକଅପ ଭ୍ୟାନ ଓଡି୩୪ଏଚ୯୬୭ରେ ଦୁଇ ଗାଈ ଓ ଏକ ବାଛୁରୀ ଆସୁଥିବାବେଳେ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀ ଗାଡ଼ି ଅଟକାଇ ଥିଲେ। ଏହାପରେ ଡ୍ରାଇଭରଙ୍କୁ ପଚାରିବାରୁ ସେ ନିଆଳି ଅଞ୍ଚଳରୁ ଏହାକୁ ଆଣିଥିବା ପ୍ରକାଶ କରିଥିଲେ। ତେବେ ସେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏଥିସହିତ ଡ୍ରାଇଭରଙ୍କ କଥାରେ ତାଳ ମେଳ ନ ରହିବା ଯୋଗୁ ବଜରଙ୍ଗ ଦଳ କର୍ମକର୍ତ୍ତା ବଡ଼ଚଣା ଥାନାକୁ ଖବର ଦେଇଥିଲେ। ବଡ଼ଚଣା ପୋଲିସ ପହଞ୍ଚି ଗାଡ଼ିକୁ ନିଜ ହେପାଜତକୁ ନେଇଥିଲା।

# ୩୦୦୦ ପ୍ରକଳ୍ପ ପାଇଁ ପ୍ରସ୍ତାବ

## ତିର୍ତ୍ତୋଲ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ



ଅଧିବେଶନରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ।

ତିର୍ତ୍ତୋଲ, ୨୫।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ କୋଟି ୬୯ ଲକ୍ଷ ଟଙ୍କାର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ୩୦୦୦ଟି ପ୍ରକଳ୍ପର ପ୍ରସ୍ତାବ ଦିଆଯାଇଥିଲା। ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଅଧିବେଶନରେ ନିମନ୍ତ୍ରିତ ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସାଇଁ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଓ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇଥିଲେ। ବିଡିଓ ଗିରିଜା ଶଙ୍କର ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିରିକ୍ତ ବିଡିଓ ସତ୍ୟଜିତ୍ ସ୍ୱାଇଁ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ରଞ୍ଜିତା ସିଂହ, ସହକାରୀ ଯନ୍ତ୍ରୀ ସ୍ମୃତିମୟୀ ଜେନା ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ବିକଶିତ ଗାଁ ବିକଶିତ ଓଡ଼ିଶା ବିଷୟରେ ମନ୍ତ୍ରୀ ସମ୍ପଦ କହିଥିଲେ। ସେ ମୌଳିକ ଭିତ୍ତିଭୂମି, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ଅନୁନ୍ନତ ଜନଜାତିର ବସବାସ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳର ବିକାଶ ଓ ଉନ୍ନତୀକରଣ ସହ ଶିକ୍ଷା କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ, ନୂତନ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଆଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ବିକଶିତ ଓ ସମୃଦ୍ଧ ଭାରତ ଗଠନ ନିମନ୍ତେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥଲେ। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ରହି ନିଜ ନିଜ ପଞ୍ଚାୟତର ଅଭାବ ଅସୁବିଧା ଓ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ଲଡ୍ଡୁବାବାଙ୍କ ପୀଠ

ଶରଣକୁଳ,୨୫।୨(ଦୀପକ କର):

ଶରଣକୁଳର ପ୍ରସିଦ୍ଧ ଲଡ୍ଡୁବାବାଙ୍କ ମନ୍ଦିର ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇଉଠିଛି । ଜାଗର ଯାତ୍ରା ଠାକୁରଙ୍କ ପ୍ରମୁଖ ପର୍ବ ହୋଇଥିବାରୁ ଦୂରଦୂରାନ୍ତରୁ ଭକ୍ତମାନଙ୍କ ସମାଗମ ହେବାର ଆଶଙ୍କା ରହିଛି। ସେଥିପାଇଁ ମଙ୍ଗଳବାର ସନ୍ଧ୍ୟାରୁ ମନ୍ଦିରରେ ଗହଳି ପରିଲକ୍ଷିତ ହୋଇଛି । ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଛନ୍ତି। ଭକ୍ତମାନଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯାଇଥିବା ବେଳେ ମନ୍ଦିର ଚାରିପାଖକୁ ସଫେଇ କରାଯାଇଛି। ଏହା ସହିତ ଲୁହା ବ୍ୟାରିକେଡ୍ ଦେଇ ଭକ୍ତମାନେ ମନ୍ଦିରକୁ ଦର୍ଶନ ପାଇଁ ଯିବାର ବ୍ୟବସ୍ଥା କରାଯାଇଛି। ନୟାଗଡ଼ରୁ ଆସୁଥିବା ଯାତ୍ରୀମାନେ ହାଟ ପଡ଼ିଆରେ ପାର୍କିଂ କରିବାର ବ୍ୟବସ୍ଥା ଥିବା ବେଳେ ୪ ଚକିଆ ଯାନ କିମ୍ବା ବାଇକ୍ ଦରପଦା ରାସ୍ତା ଦେଇ ବାହାରିବାକୁ ପୋଲିସ ଓ ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଗଞ୍ଜାମ କିମ୍ବା ଓଡ଼ଗାଁ ଯାଉଥିବା ଭକ୍ତମାନଙ୍କ ପାଇଁ ନାରାୟଣ ହାଇସ୍କୁଲ ପଡିଆରେ ପାର୍କିଂର ବ୍ୟବସ୍ଥା କରାଯାଇଛି।

ମଙ୍ଗଳବାର ରାତି ୧୨ଟାରୁ ମନ୍ଦିର ପହୁଡ଼ ଖୋଲିବା ପରେ ଠାକୁରଙ୍କ ନୀତିକାନ୍ତି ପରେ ଭକ୍ତମାନେ ଦର୍ଶନ କରିଛନ୍ତି। ଏହା ସହିତ ମନ୍ଦିର ପୋଖରୀ ଓ ମନ୍ଦିର ସମ୍ମୁଖରେ ଜାଗର ଦୀପ ଜାଳିବାର ବ୍ୟବସ୍ଥା ହୋଇଛି। ଦୀପ ଜାଳିବା ସମୟରେ ଶାଢୀ କିମ୍ବା ଡ୍ରେସରେ ଯେପରି ନିଆଁ ନ ଲାଗେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଯଦି କିଛି ଅଘଟଣ ଘଟେ ତେବେ ସୂଚନା କେନ୍ଦ୍ରରେ ଜଣାଇବାକୁ କୁହାଯାଇଛି। ମହାଦୀପ ରାତି ୧୨ଟାରେ ଉଠିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମ ହେବ ବୋଲି କୁହାଯାଉଛି। ଏଥିପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଯଦି କୌଣସି ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରନ୍ତି ସେଥିପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ କହିଛନ୍ତି। ସମସ୍ତ ଭକ୍ତ କିପରି ଶାନ୍ତି ଶୃଙ୍ଖଳାର ସହିତ ଦୀପ ଜାଳି ଘରକୁ ଫେରିବେ ସେଥିପାଇଁ ପୋଲିସ ପକ୍ଷରୁ ନଜର ରଖାଯାଇଛି।



ରଙ୍ଗିନ ଆଲୋକମାଳାରେ ଲଡ୍ଡୁବାବାଙ୍କ ମନ୍ଦିରକୁ ସଜାଯାଇଛି ।

# ୧୫୩ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ



ସାଧାରଣ ଅଧିବେଶନରେ ଯୋଗ ଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ।

## ଓଡ଼ଗାଁ ବ୍ଲକ୍‌ର ୮ମ ସାଧାରଣ ଅଧିବେଶନ

ଓଡ଼ଗାଁ,୨୫।୨
(ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ୮ମ ସାଧାରଣ ଅଧିବେଶନ ବ୍ଲକ ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବିଡିଓଙ୍କ ସହିତ ପୁରୀ ଏମ୍‌ପିଙ୍କ ପ୍ରତିନିଧି କବିସୂର୍ଯ୍ୟ ନଗରରୁ ବିଶ୍ୱଜିତ ମହାପାତ୍ର, ଜିଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଉପସ୍ଥିତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଅନ୍ୟ ଜନପ୍ରତିନିଧିମାନେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଶିକ୍ଷା ବର୍ଷରୁ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା କକ୍ଷରେ ୫ବର୍ଷର ଶିଶୁମାନେ ପ୍ରବେଶ କରିବେ। ବୟସ ୬+ ହେଲେ ଯାଇ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖା କରିବେ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ସଭାରେ ସୂଚନା ପ୍ରଦାନ କରିଥିଲେ। ସେଥିପାଇଁ ବର୍ତ୍ତମାନଠାରୁ ଭିତ୍ତିଭୂମି ପ୍ରସ୍ତୁତ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଏହି ବ୍ଲକରେ ୨୩୦ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୧୨୧ କେନ୍ଦ୍ର ନିଜସ୍ୱ କୋଠା ଘରେ ଚାଲିଥିବାବେଳେ ୧୦୯ କେନ୍ଦ୍ର ବିଭିନ୍ନ ବିଦ୍ୟାଳୟ ଏବଂ ୪୪ କେନ୍ଦ୍ର ଗ୍ରାମ କୋଠଘରେ ଚାଲିଛି। ବର୍ତ୍ତମାନ ୬୫ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ୪୫ କେନ୍ଦ୍ର ପାଇଁ ଏପର୍ଯ୍ୟନ୍ତ ଅର୍ଥ ବ୍ୟବସ୍ଥା ହୋଇନାହିଁ ବୋଲି ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ ତଥ୍ୟ ଉପସ୍ଥାପନା ଉପରେ ଆଲୋଚନା କରାଯାଇ ଆବଶ୍ୟକ ପଡ଼ିଲେ ପଞ୍ଚାୟତ ଅର୍ଥ ବ୍ୟୟ କରି କେନ୍ଦ୍ର ନିର୍ମାଣରେ ସହଯୋଗ କରିବାକୁ ପ୍ରସ୍ତାବ ଆସିଥିଲା। ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ଯୁଦ୍ଧକାଳୀନ ଭିତ୍ତିରେ ନଳକୂପ ମରାମତି କରିବା ସହିତ ଆବଶ୍ୟକ ପଡ଼ିଲେ ନୂଆ ନଳକୂପ ଖନନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଗୋଟିଏ ଗାଈ କିମ୍ବା ମଇଁଷି ପାଇଁ ୯୦ ହଜାର ଲେଖାଏ ୨ଟି ଗାଈ କିମ୍ବା ମଇଁଷି କିଣିବା ପାଇଁ ୧ଲକ୍ଷ ୮୦ ହଜାର ଟଙ୍କାରୁ ସରକାର ୧ ଲକ୍ଷ ୬୧ ହଜାର ଟଙ୍କା ରିହାତି ପ୍ରଦାନ କରିବା ସହିତ ଘାସ ଚାଷ ପାଇଁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସୂଚନା ଦିଆଯାଇଥିଲା । ହିତାଧିକାରୀ ଏହାର ଲାଭ ଉଠାଇ ପାରିବେ ବୋଲି, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ କହିଥିଲେ। ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବୀମା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଓଡ଼ଗାଁ ବ୍ଲକର ଶରଣକୁଳ, ଗୋଡ଼ିପଡା ଏବଂ ଦର୍ପନାରାୟଣପୁରକୁ ନେଇ ନୂଆ ବ୍ଲକ ଗଠନ କରିବାକୁ ଜନପ୍ରତିନିଧିଙ୍କ ମଧ୍ୟରେ ତର୍କ ବିତର୍କ ହୋଇଥିଲା । ଏଥିପାଇଁ ଗୃହ କିଛି ସମୟ ସରଗରମ ରହିଥିବାରୁ ଅଧ୍ୟକ୍ଷ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ପାନୀୟ ଜଳ,ବାଇପାସ୍ ରାସ୍ତା ଉପରେ ଗୁରୁତ୍ୱାରୋପ

## ଗଣିଆ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ଗଣିଆ,୨୫।୨(ସନ୍ତୋଷ କୁମାର ପ୍ରଧାନ):

ଗଣିଆ ପଞ୍ଚାୟତ ସମିତି ସଦ୍‌ଭାବନାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲାପରିଷଦ ସଭ୍ୟ ନରେଶ ବେହେରା, କନ୍ଧମାଳ ଏମ୍‌ପିଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର, ବିଡିଓ ପ୍ରୀତିବାଳା ରଣା. ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଜାନକୀ ଦେହୁରୀ ଯୋଗଦାନ କରିଥିଲେ। ଗଣିଆ ବ୍ଲକର ୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଶିକ୍ଷା ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ମତ୍ସ୍ୟ ବିଭାଗ, ବନ ବିଭାଗ ସମେତ ସମସ୍ତ ଲାଇନ ବିଭାଗର ପଦାଧିକାରୀମାନେ ଯୋଗଦାନ କରିଥିଲେ । ବ୍ଲକ ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ବିଦ୍ୟୁତ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଗଣିଆରେ ଦୀର୍ଘଦିନ ବାଇପାସ୍ ରାସ୍ତା ନିର୍ମାଣର ସବୁପ୍ରକାର ପ୍ରକ୍ରିୟା ସରିଥିବାବେଳେ କାହିଁକି ବିଳମ୍ବ ହେଉଛି ବୋଲି ଆଲୋଚନା ହୋଇଥିଲା । ବାରପୁରିକିଆ ଠାରେ ବାଇପାସ ରାସ୍ତା ବାହରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଖରାଦିନେ ପାନୀୟ ଜଳ ସମସ୍ୟା ଓ ନଳକୂପ ମରାମତି କାର୍ଯ୍ୟକୁ ତୁର' ଶେଷ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୫-୨୬ ବ୍ଲକ ପଞ୍ଚାୟତ ବିକାଶ ଯୋଜନା, ପଞ୍ଚମ ଅର୍ଥ ଆୟ ଅନୁଦାନ ମଞ୍ଜୁରୀ ପ୍ରକଳ୍ପ ଅନୁମୋଦନ ଓ ଆଗାମୀ ୫ବର୍ଷ ପାଇଁ ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ପ୍ରକଳ୍ପ ପାଇଁ ଆଲୋଚନା କରାଯାଇଥିଲା।



ଗଣିଆ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନରେ ଯୋଗଦେଇଥିବା ଜନପ୍ରତିନିଧିମାନେ ।

# ୩୪ କୋଟି ଟଙ୍କାର ୟୁସି ପ୍ରଦାନରେ ବିଳମ୍ବ

- ପୂର୍ଣ୍ଣାଙ୍ଗ ହୋଇପାରୁନି ୫ଟି ରୂପାନ୍ତରିତ ହାଇସ୍କୁଲ
- ଅଧାପନ୍ତରିଆ ହୋଇ ପଡି ରହିଛି ଉନ୍ନୟନ କାର୍ଯ୍ୟ
- ସ୍ୱଚ୍ଛତା ରହୁ ନ ଥିଲେ ବି କାମ ଶେଷ ହୋଇ ପାରୁନି

ନୟାଗଡ଼,୨୫।୨(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାରେ ୫ଟି ରୁପାନ୍ତରିତ ହାଇସ୍କୁଲର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରୁନି । ଯୋଜନାର ନାମ ବଦଳି ଯାଇଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ରହିଥିବା ସ୍କୁଲର କାର୍ଯ୍ୟ ଶେଷ ହୋଇ ହୋଇନାହିଁ। କାମ ଶୀଘ୍ର ଶେଷ କରିବା ପାଇଁ ବିଭିନ୍ନ ସ୍କୁଲ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ବ୍ଲକ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ । କାମ ଶେଷ ହୋଇ ପାରୁ ନ ଥିବାରୁ ୩୪ କୋଟି ଟଙ୍କାର ୟୁସି ପ୍ରଦାନ କରାଯାଇ ପାରୁ ନାହିଁ । ବିଭିନ୍ନ ସ୍କୁଲର କାର୍ଯ୍ୟ ଠିକରେ ହେଉ ନ ଥିବାର ଅଭିଯୋଗ ପ୍ରାରମ୍ଭରୁ ହୋଇ ଆସୁଛି । ସରକାର ବଦଳିବା ପରେ ବି କାମର ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥଳେ ୩୪ କୋଟି ଟଙ୍କାର କାର୍ଯ୍ୟ ପଡି ରହିଛି ।

ଜିଲାର ୮ଟି ବ୍ଲକର ୨୩୨ ହାଇସ୍କୁଲକୁ ୧୧୨ କୋଟି ୮୦ ଲକ୍ଷ ଟଙ୍କା ୫ଟି ରୁପାନ୍ତରିତ ହାଇସ୍କୁଲ ପାଇଁ ଅନୁଦାନ ଆସିଥିଲା । ଏଥିରୁ ୭୮ କୋଟି ୨୭ ଲକ୍ଷ ୨୧ ହଜରାର ୩୬୩ ଟଙ୍କା ସରକାରଙ୍କୁ ୟୁସି ପ୍ରଦାନ କରାଯାଇଛି । ଅବଶିଷ୍ଟ ୩୪ କୋଟି ୫୨ଲକ୍ଷ ୭୮ ହଜାର ୬୩୭ ଟଙ୍କା ୟୁସି ପ୍ରଦାନ କରାଯାଇ ନାହିଁ । ହାଇସ୍କୁଲର କାର୍ଯ୍ୟ ହୋଇ ପାରି ନ ଥିବାରୁ ୟୁସି ପ୍ରଦାନ କରାଯିବାରେ ବିଳମ୍ବ ହେଉଛି । ଏଠାରେ ଓଡ଼ଗାଁ ବ୍ଲକ ଡିମିଶର ପଞ୍ଚାୟତ ହରିପୁର ରଘୁକୁନ୍ତଳା ବିଦ୍ୟାପୀଠକୁ ଉଦାହରଣ ଭାବେ ନିଆ ଯାଇପାରେ । ଏଯାବତ ଛାତ୍ରୀମାନଙ୍କ ପରିଶ୍ରାଗାର ଓ ଶୌଚାଳୟ ପୂର୍ଣ୍ଣାଙ୍ଗ ହୋଇ ପାରି ନାହିଁ । ସେଥିପାଇଁ ଛାତ୍ରୀମାନେ ଖୋଲା ପଡିଆକୁ ବ୍ୟବହାର କରୁଛନ୍ତି । ଛାତ୍ରମାନଙ୍କ ଶୌଚାଳୟ କାମ ମଧ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି । ପାନୀୟ ଜଳର ବ୍ୟବସ୍ଥା କରାଯାଇନି । କମ୍ପ୍ୟୁଟର ଯୋଗାଇ ଦିଆଯାଇଛି ହେଲେ ତାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ବିଜ୍ଞାନଗାର ଅଧାପନ୍ତରିଆ ହୋଇ ପଡି ରହିଛି । ଲାଇବ୍ରେରୀ ଅଛି ହେଲେ ଛାତ୍ରୀଛାତ୍ର ବସି ପଢ଼ିବାର ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୨୩୨ ସ୍କୁଲର ଅବସ୍ଥା ଏକା ପରି। ଏନେଇ ନୂଆଗାଁର ସନ୍ତୋଷ ନାୟକ, ଗଣିଆର ଶିବ ପ୍ରସାଦ ପ୍ରଧାନ, ରଣପୁରର ବିକାଶ ମୁଦୁଲି କୁହନ୍ତି, ୫ଟି ରୁପାନ୍ତରିତ କାର୍ଯ୍ୟକ୍ରମ ଏକ ବିଫଳ ପ୍ରକଳ୍ପ । ସରକାରୀ ଅନୁଦାନକୁ ହାତେଇବା ପାଇଁ ତରବରିଆ ଭାବେ କାମ କରାଯାଇଛି। ଏଣୁ କାମର ସ୍ୱଚ୍ଛତା ରହିଲାନି । ପୁଣି ଯେଉଁ ଉପକରଣ ଦିଆଯାଇଛି ତାହା ଅଧିକ ବିଲ୍ ନିଆଯାଇଛି କିନ୍ତୁ ଭଲ ଉପକରଣ ଦିଆଯାଇନି । କାମର ଠିକ ସମୀକ୍ଷା କରା ନ ଯିବାରୁ ଯୋଜନାର ସୁଫଳ ମିଳିଲାନି । ଏବେ ପୁଣି ପଡି ରହିଥିବା କାମକୁ ଶେଷ କରାଯାଉନି। ଏଣୁ ସ୍କୁଲର ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଦର୍ଶ



@ ଅକ୍ଷୟ



@ ଲିପ୍ସିତା



@ ସିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂତନ ଡୁଡା କାର୍ଯ୍ୟାଳୟ ଉଦ୍‌ଘାଟିତ

ନୟାଗଡ଼, ୨୫।୨(ଲୋକନାଥ ମିଶ୍ର):

ନୟାଗଡ଼ ସହର ଗୁଣ୍ଡିଚା ମନ୍ଦିର ସମ୍ମୁଖ ପୁରୁଣା ଉପଜିଲାପାଳଙ୍କ ସରକାରୀ ବାସଭବନରେ ମଙ୍ଗଳବାର ଜିଲା ପୌର ଉନ୍ନୟନ ସଂସ୍ଥା(ଡୁଡ଼)ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଓ ନୟାଗଡ଼ ୨ ଜିଲାକୁ ନେଇ ଏହି କାର୍ଯ୍ୟାଳୟ କାର୍ଯ୍ୟ କରିବ। ଏଥିରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲା ପୌର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ ବେହେରା, ଜିଲାର ସମସ୍ତ ଏନ୍‌ଏସି ଓ ପୌର ପରିଷଦର ନିର୍ବାହୀ ଅଧିକାରୀଗଣ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସହରାଞ୍ଚଳ ବିକାଶ ନିମନ୍ତେ ଏହି କାର୍ଯ୍ୟାଳୟ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବ ବୋଲି ଜିଲାପାଳ କହିଛନ୍ତି। ଜିଲାସ୍ତରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଯୋଗୁ ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା ଏବଂ ଓଡ଼ଗାଁ ସହରର ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଏଣିକି ଉକ୍ତ କାର୍ଯ୍ୟାଳୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପୌର ଉନ୍ନୟନ ସଂସ୍ଥାର ପ୍ରଶାନ୍ତ କୁମାର ପରିଡ଼ା, ଆଦିତ୍ୟ ନାରାୟଣ ପ୍ରଧାନ, ନିଗମ ମହାପାତ୍ର, ଶୁଭାଶିଷ ସେଠୀ, ପ୍ରଦୀପ କୁମାର ଦାସ ଓ ଚିରଞ୍ଜିବୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଜିଲାପାଳ ଡୁଡା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ।

# ରାତି ଉଜାଗର ରହିବେ ପଞ୍ଚ ଦେବତା

**ଆଜି ମହାଶିବରାତ୍ରି**

■ ପଞ୍ଚଦେବତାଙ୍କ ଚତୁଃପାର୍ଶ୍ୱ ପରିକ୍ରମା କରିବେ ମହାଦେବ ଚନ୍ଦ୍ରଶେଖର

**ଚଣ୍ଡିଖୋଲ,୨୫।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ମହାଶିବରାତ୍ରିରେ ପ୍ରତ୍ୟେକ ଶିବ ମନ୍ଦିରରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ସହ ପ୍ରତ୍ୟେକ ମନ୍ଦିରରେ ମହାଦୀପ ଉଠିଥାଏ, ଯାହାକୁ ଚାତକ ପରି ଅପେକ୍ଷା କରିଥାନ୍ତି ଭକ୍ତ। ଯାଜପୁର ଜିଲାର ପ୍ରସିଦ୍ଧ ଶୈବ ମନ୍ଦିର ମହାବିନାୟକ ପୀଠରେ ଜାଗର ଯାତ୍ରାରେ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ଦେବଦେବ ମହାଦେବଙ୍କ ସହ ପଞ୍ଚ ଦେବତା ପୂଜା ପାଇଥାନ୍ତି। ରାତ୍ରି ସାରା ଏହି ପଞ୍ଚଦେବତା ଉଜାଗର ରହିଥାନ୍ତି। ଏହି ଦେବତାମାନେ ହେଲେ ଗଣେଶ, ବିଷ୍ଣୁ, ଦୁର୍ଗା, ସୂର୍ଯ୍ୟଦେବ ଓ ମହାଦେବ। ଏହା ସହ ମହା ଶିବରାତ୍ରି ଜାଗର ଅବସରରେ ତୃତୀୟ ପ୍ରହରରେ ଦେବଦେବ ମହାଦେବ ଚନ୍ଦ୍ରଶେଖର ତିନିଥର ମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି। ଏହି ପରିକ୍ରମା ସରିବା ପରେ ମହାଦୀପ ଉଠିଥାଏ। ଏହା ଭାରତ ବର୍ଷରେ ଏକମାତ୍ର ମନ୍ଦିର, ଯେଉଁଠି ଗୋଟିଏ ମନ୍ତ୍ରରେ ପୂଜା ପାଇଥାନ୍ତି ଏହି ପଞ୍ଚଦେବତା।

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାରୁଣବନ୍ତ ପାହାଡ଼ର ପାଦ ଦେଶରେ ପୂଜା ପାଇଥାନ୍ତି ପ୍ରଭୁ ମହାବିନାୟକ। ଏହି ପୀଠକୁ ମହାଦେବଙ୍କ ଦର୍ଶନ ନିମନ୍ତେ ଲକ୍ଷଲକ୍ଷ ଭକ୍ତ ଆସୁଥିବାବେଳେ ଏହାର ନାମକରଣ ମହାଦେବଙ୍କ ପୁତ୍ରଙ୍କ ନାମରେ ମହାବିନାୟକ ନାମିତ ହୋଇଛି। କିମ୍ବଦନ୍ତି ଅନୁଯାୟୀ, ଦ୍ୱାପରଯୁଗରେ ପଞ୍ଚୁପାଣ୍ଡବ ଯେତେବେଳେ ଅଜ୍ଞାତବାସରେ





ଠାକୁର ମହାବିନାୟକ ଓ ମହାବିନାୟକ ମନ୍ଦିର।

ଥିଲେ, ସେତେବେଳେ ମାତା କୁନ୍ତି ପୁଅମାନଙ୍କ ସୁରକ୍ଷା ଓ ମଙ୍ଗଳକାମନା କରି ମହାବିନାୟକଙ୍କ ପୀଠରେ ୧୦୮ ସ୍ୱର୍ଣ୍ଣ ଚମ୍ପା ଲଗାଇଥିଲେ। ଯେଉଥି ପାଇଁ ପଞ୍ଚୁପାଣ୍ଡବ ପାଞ୍ଚ ଭାଇ ସୁରକ୍ଷିତ ଭାବେ ଅଜ୍ଞାତବାସ ସାରି ଫେରିଆସିଥିଲେ। ତେବେ ଅନ୍ୟ ଏକ କିମ୍ବଦନ୍ତି ଅନୁଯାୟୀ ମହାବିନାୟକ ମହାପ୍ରଭୁ କେବେ ସେଠାରୁ ଆବିଷ୍କାର ହୋଇଥିଲେ ତାହାର ଠିକ୍ ସମୟ କେହି କହିପାରୁ ନ ଥିଲାବେଳେ କେବଳ ରାଜା ପ୍ରତାପ ରୁଦ୍ରଦେବଙ୍କ ସମୟରେ ମନ୍ଦିର ନିର୍ମାଣ ହୋଇଥିଲା ବୋଲି ଲୋକ କଥାରୁ ଜଣାପଡ଼େ। ସେଥିପାଇଁ ଲକ୍ଷ ଲକ୍ଷ ଭକ୍ତ ମହାଶିବ ରାତ୍ରି ଜାଗର ଦିନ ଛୁଟି ଆସନ୍ତି ମହାବିନାୟକ ପୀଠକୁ। ପ୍ରଭୁଙ୍କୁ "ଗଣେ ନାରାୟଣ ରୁଦ୍ରେ, ଅମ୍ବିକେ ଭାସ୍କରେ ତଥା, ପଞ୍ଚଦେବ ସ୍ମରେ ନିତ୍ୟମ୍, ମହାପାପକ୍ ନାଶନମ୍" ଶ୍ଲୋକରେ ଭକ୍ତମାନେ ପୂଜା କରିଥାନ୍ତି।

ତେବେ ଯେତେବେଳେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେବାର ଥାଏ ଏହା ପୂର୍ବରୁ ମହାପ୍ରଭୁଙ୍କ ନିକଟରୁ ଜଳ ଶୁଷ୍କ ହୋଇଯାଇଥାଏ। ସଦାସର୍ବଦା ମହାପ୍ରଭୁଙ୍କ ପାଦଦେଶରେ ଝରଣାର ଜଳ ଅବିରତ ବହୁଥିବାବେଳେ ଏହି ବିପର୍ଯ୍ୟୟ ଆସିବା ଦିନେ ଦୁଇ ଦିନ ପୂର୍ବରୁ ଏହା ଶୁଖି ଯାଇଥାଏ, ଯାହା ବିପଦ ଆସିବାର ସୂଚନା ପ୍ରଦାନ କରିଥାଏ। ଏଠାରେ ୩ ଝରଣା ରହିଥିଲାବେଳେ କେବେ ଏହି ଝରଣା ଶୁଖି ନ ଥାଏ। ସେଥିପାଇଁ ଏହି ପୀଠରେ ଲକ୍ଷ ଲକ୍ଷ ମାଙ୍କଡ଼ଙ୍କ ସହ ଜୀବଜନ୍ତୁମାନେ ପାଣି ପାଇଥାନ୍ତି।

ଚଳିତ ଥର ମହାଶିବରାତ୍ରି ଜାଗର ଅବସରରେ ବୁଧବାର ଭୋର ୪ଟାରୁ ମଙ୍ଗଳା ଆଳତୀ, ବଡ଼ସିଂହାର ବେଶ, ଧୂପ ଲାଗି, ଖେଚେଡ଼ି ଭୋଗ, ପରେ ବାଲ୍ୟଭୋଗ କରାଯିବ। ସନ୍ଧ୍ୟା ସମୟରୁ ୪ପ୍ରହର ଭିନ୍ନ ଭିନ୍ନ କ୍ରମେ ପୂଜା କରାଯିବ। ପ୍ରତ୍ୟେକ ପ୍ରହରରେ ଲଡ୍ଡୁ ଓ ପଣା ପ୍ରଦାନ କରାଯାଇ ଘର୍ଷଣ କରାଯିବା ସହ ମହାସ୍ନାନ, ମଙ୍ଗଳା ଆଳତୀ ଓ ଧୂପ ଲାଗି କରାଯିବ। ଷୋଡ଼ଶ ଉପଚାରରେ ରାତ୍ରିରେ ପ୍ରତ୍ୟେକ ପ୍ରହରରେ ପୂଜା କରାଯିବ। ତୃତୀୟ ପ୍ରହର ସମୟରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ତିନି ଥର ବେଢ଼ା ପରିକ୍ରମା କରାଯିବା ପରେ ୧୦୮ ଦୀପ ପ୍ରଜ୍ୱଳନ କରାଯିବ। ଏହି ୧୦୮ ଦୀପ ପ୍ରଜ୍ୱଳନ ପରେ ବିଶ୍ୱଶାନ୍ତି ପାଇଁ ଏହା ଉତ୍ସର୍ଗ କରାଯିବ। ସେଥିପାଇଁ ମହାଶିବରାତ୍ରି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ୫ ଦିନ ଧରି ଏଠାରେ ଅନୁଷ୍ଠିତ ହେବ। ଏହି ଯଜ୍ଞ ଜାଗର ଅମାବାସ୍ୟାର ଦୁଇ ଦିନ ପୂର୍ବରୁ ଆରମ୍ଭ ହୋଇ ମହାଶିବରାତ୍ରିର ଦୁଇ ଦିନ ପରେ ଶେଷ ହୋଇଥାଏ। ଏହା ନାରାୟଣଙ୍କ ଯଜ୍ଞ ଭାବେ ପରିଚିତ ହୋଇଥାଏ। କେବଳ ଯେ ମହାଶିବରାତ୍ରିରେ ପଞ୍ଚ ଦେବତାଙ୍କ ପୂଜା କରାଯାଏ ତାହା ନୁହେଁ, ବର୍ଷକ ବାରମାସ ଏଠାରେ ରହିଥିବା ସବୁ ଦେବଦେବୀଙ୍କ ପର୍ବ ପର୍ବାଣୀରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ମହାଶିବରାତ୍ରି ଉପଲକ୍ଷେ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ହଜାରହଜାର ସଂଖ୍ୟାରେ ଉଠା ଦୋକାନୀ ଏଠାରେ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି।

**ଏମାନେ କହନ୍ତି...**

ପ୍ରତ୍ୟେକ ବର୍ଷ ମହା ଶିବରାତ୍ରି ଅବସରରେ ଏଠାରେ ଲକ୍ଷାଧିକ ଲୋକଙ୍କର ସମାଗମ ହୋଇଥାଏ। ଯାଜପୁର ଜିଲା ପ୍ରଶାସନ ତରଫରୁ ଆଇନ ଶୃଙ୍ଖଳା ରକ୍ଷା ସହ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥାଏ ଏବଂ ଆମକୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥାଏ।

**–ଧନେଶ୍ୱର ସାମଲ, ମନ୍ଦିର ଟ୍ରଷ୍ଟି**

ରାତିସାରା ଦେବଦେବ ମହାଦେବଙ୍କ ସହ ନାରାୟଣ, ଗଣେଶ, ଦୁର୍ଗା ଓ ସୂର୍ଯ୍ୟ ଦେବତା ଏଠାରେ ଉଜାଗର ରହିବେ। ସମସ୍ତଙ୍କୁ ଏକ ସଙ୍ଗରେ ପୂଜା କରାଯାଇଥାଏ। ଭାରତ ବର୍ଷରେ ଏଭଳି କୌଣସି ମନ୍ଦିର ନାହିଁ ଯେଉଁଠି ଏକା ସଙ୍ଗରେ ପଞ୍ଚ ଦେବତା ପୂଜାପାଇଥାନ୍ତି। ସେଥିପାଇଁ ଅନ୍ୟ ସ୍ଥାନ ଅପେକ୍ଷା ଏଠାରେ ନିଆରା ଢଙ୍ଗରେ ପୂଜା କରାଯାଇଥାଏ।

**–ହିମାଂଶୁ ଶେଖର ପଣ୍ଡା, ବରିଷ୍ଠ ପୂଜକ**

# ମହାଶିବରାତ୍ରି ପାଇଁ ଶୈବ ପୀଠରେ ବ୍ୟାପକ ପ୍ରସ୍ତୁତି

**ବରୀ,୨୫।୨(ମାହେନ୍ଦ୍ର ସ୍ୱାଇଁ):**

ମହାଶିବରାତ୍ରି ବୁଧବାର ପାଳନ କରାଯିବ। ଏହାକୁ ଆଖି ଆଗରେ ରଖି ବରୀ ବ୍ଲକ୍‌ର ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକ୍‌ର କୃଷ୍ଣନଗର ଅଷ୍ଟଶମ୍ଭୁ ମନ୍ଦିର, ଅଙ୍ଗାଲୋ ଶ୍ୟାମେଶ୍ୱର ମନ୍ଦିର, ନାଥପୁର ନାଥେଶ୍ୱର ମନ୍ଦିର, ଧାରପୁରର ଧାରେଶ୍ୱର ଓ ଲୋକନାଥେଶ୍ୱର, ବଡ଼ଚନ୍ଦ୍ରଶେଖରପୁର ରାମେଶ୍ୱର ମନ୍ଦିର, ରତଳାଙ୍ଗ ରତ୍ନେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ। ତେଣୁ ପୋଲିସ ତରଫରୁ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ଅଙ୍ଗାଲୋ ଶ୍ୟାମେଶ୍ୱର ମନ୍ଦିର ନିକଟରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତରହି ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିବା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସ ସୂଚନା ଦେଇଛନ୍ତି।



ବରୀ ବ୍ଲକ୍‌ର ଏକ ଶୈବପୀଠ।

# ରାସାୟନିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ

**ଯାଜପୁର ଟାଉନ,୨୫।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା୩୦ରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଏନଆଇସି ସମ୍ମିଳନୀ କକ୍ଷରେ ଏକ ଟେବୁଲ ଟପ୍ ମକ୍ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି। ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା ପାଇଁ ଆସନ୍ତା ୨୮ରେ ଜିଲାର ନୀଳାଚଳ ଇସ୍ପାତ ନିଗମରେ ମକ୍ ଏକ୍ସରସାଇଜ କରିବାକୁ ଆଲୋଚନା କରାଯାଇଛି। ଏହି ପଦକ୍ଷେପକୁ ସୁଚାରୁ ରୂପେ ସମ୍ପାଦନା ପାଇଁ ନିଷ୍ପତ୍ତି ନିଆଯାଇଛି। ଲାଇଟ ଡିଜେଲ ଅଏଲ ଲିକେଜ ହେଲେ କିଭଳି ଭାବରେ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ଲମ୍ବୋଦର ଖୁଣ୍ଟିଆ, ଜିଲା ଜରୁରୀ କାଳୀନ ଅଧିକାରୀ ଅଶୋକ କୁମାର ବେହେରା, ଅଗ୍ନିଶମ ସେବା ଅଧିକାରୀ, ଦାନଗଦି ତହସିଲଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଓଡ୍ରାଫ ଅଧିକାରୀଙ୍କ ସମେତ ଜିଲାର ବିଭିନ୍ନ ବରିଷ୍ଠ ଅଧିକାରୀ ତଥା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍, କଳିଙ୍ଗନଗର ଟାଟା ଷ୍ଟିଲ, ଭିସା ଷ୍ଟିଲ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍, ବିଆରପିଏଲର ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟତା କରିଥିଲେ। ଏନଡିଏମଏ, ଓସଡ୍‌ମା ତତ୍ତ୍ୱାବଧାନରେ ଜିଲାପାଳ ବିପର୍ଯ୍ୟୟ ପରିଚାଳନା ଗ୍ୟାସ ଲିକ ସମୟରେ ସଜାଗ ଓ ସତର୍କତା ଅବଲମ୍ବନ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ କିଭଳିକୁ ପ୍ରଭାବ ନ ପଡ଼େ ସେଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।



ଟେବୁଲ ଟପ୍ ଏକ୍ସରସାଇଜରେ ଯୋଗଦେଇଥିବା ଅଧିକାରୀମାନେ।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନ ହେବାରୁ ସରପଞ୍ଚଙ୍କ ଅସନ୍ତୋଷ

**ଯାଜପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ**

**ଯାଜପୁର ଟାଉନ,୨୫।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲାପରିଷଦ ସଭାପତି ନଳିନୀ ପ୍ରଭା ଜେନା ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ସଭାପତିତ୍ୱରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇ ସର୍ବସମ୍ମତି ଗୃହୀତ ହୋଇଥିଲା। ଏହାପରେ ବିକଶିତ, ଗାଁ ବିକଶିତ ଓଡ଼ିଶା ଗଠନ ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଗ୍ରାମୀଣ ଜଳଯୋଗାଣ ଓ ପରିମଳ ଉପରେ ସମ୍ପୃକ୍ତ ଅଧିକାରୀ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିବାରୁ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅଙ୍ଗନାୱାଡି କେନ୍ଦ୍ର ଗୃହ ନିର୍ମାଣ ନ ହେଇ ପାରିବାରୁ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା ଯୋଜନା, ପ୍ରାଥମିକ ଶିକ୍ଷା, କୃଷି ଓ ଗ୍ରାମାଞ୍ଚଳ ଗୃହ ଉପରେ ଆଲୋଚନା କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ ସଂସ୍ଥା ଅଧାରୁ କାମ ବନ୍ଦ କରି ଦେଇଥିବାରୁ ଆଗାମୀ ଗ୍ରୀଷ୍ମ ଋତୁକୁ କିପରି ମୁକାବିଲା କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକ ସ୍ଥଳେ ଟ୍ୟୁବୱେଲ ଖୋଳାଯାଇ ଜଳ କ୍ଲିଷ୍ଟ ଦୂର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।




ଯାଜପୁର ପଞ୍ଚାୟତ ସମିତିର ସାଧାରଣ ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ସାଇଡ୍‌ମରାକୁ ନେଇ ଟ୍ରକ ଚାଳକଙ୍କୁ ଅପହରଣ




ଟ୍ରକ୍ ଓ ବସ୍ ଚାଳକଙ୍କ ମଧ୍ୟରେ ଗଣ୍ଡୋଗୋଳ ବେଳେ ଲୋକେ ବୁଝାଶୁଝା କରୁଛନ୍ତି।

**ଟ୍ରକ ଓ ବସ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ**

**ପାଣିକୋଇଲି,୨୫।୨(ବିକାଶ ଚନ୍ଦ୍ର ମଲ୍ଲିକ):**

ଏକ ଟ୍ରକ ସାଇଡ ମାରିବାରୁ ଯାତ୍ରୀବାହୀ ବସ କ୍ଷତିଗ୍ରସ୍ତ ହୋଇଛି। ଫଳରେ ବସର କର୍ମଚାରୀମାନେ ଟ୍ରକ ଚାଳକଙ୍କୁ ଅପହରଣ କରି ନେଇ ଆସିବା ପରେ ଅନ୍ୟ ଏକ ଟ୍ରକରେ କେତେଜଣ ଡ୍ରାଇଭର ବସକୁ ପିଛା କରି ପାଣିକୋଇଲିଠାରେ ଅପହୃତ ଚାଳକଙ୍କୁ ମୁକ୍ତ କରିଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ଉଭୟ ଟ୍ରକ ଓ ବସର କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପାଣିକୋଇଲି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବସଟି ଟ୍ରକ୍ ଚାଳକଙ୍କୁ ଛାଡ଼ି ଭଦ୍ରକ ଅଭିମୁଖେ ପଳାଇଯାଇଛି।

ସୂଚନା ମୁତାବକ, ଭୁବନେଶ୍ୱରରୁ ବାରିପଦା ଯାଉଥିବା ଗୋଲକ ବିହାରୀ ନାମକ ଏକ ଘରୋଇ ବସ(ଓଡି୨୨ପି୩୭୭୨)କୁ ମଙ୍ଗଳବାର ସକାଳେ ଜାରକା ନିକଟରେ ସମ୍ପୃକ୍ତ ଟ୍ରକ ସାଇଡ୍ ମାରିଥିଲା। ଫଳରେ ବସର ବାମ ପଟର କିଛି କାଚ ଭାଙ୍ଗି ଯାଇଥିଲା, ଏହାକୁ ନେଇ ବସ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ଟ୍ରକ ଚାଳକଙ୍କ ସହ ଚାବିକୁ ନେଇ ପଳାଇଆସିଥିଲେ। ଏହାପରେ ଚାଳକଙ୍କୁ ନେଇ ବସର ହେଲପର ଓ କଣ୍ଡକ୍ଟର ମାଡ଼ ମାରିଥିଲେ। ଖବର ପାଇ ଅନ୍ୟ ଏକ ଟ୍ରକରେ କେତେଜଣ ଚାଳକ ବସକୁ ପିଛା କରି ପାଣିକୋଇଲିରେ ଅଟକାଇଥିଲେ।



ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଆଗ ଚକର ଟାୟାର ଫାଟି ଯିବାରୁ ଡିଭାଇଡରରେ ପିଟି ହୋଇ ମଙ୍ଗଳବାର ଏକ କାର ସମ୍ମୁଖ ଚୁରମାର ହୋଇଯାଇଛି। ଗାଡ଼ି ଚାଳକ ଆହତ ହୋଇଛନ୍ତି।

## ବଳାତ୍କାର ଉଦ୍ୟମ: ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଥାନାର ଏକ ବଳାତ୍କାର ମାମଲା ନଂ.୧୯୯/୧୫ର ଫଇସଲା ମଙ୍ଗଳବାର ହୋଇଛି। ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲାଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲାର ଶୁଣାଣି କରି ଇଚ୍ଛାପୁର ଗ୍ରାମର ଦିଲୀପ ଦାସ ଓ ଚଗଲା ମହାରଣାଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥିସହ ଜରିମାନା ବାବଦ ୫୦୦ ଟଙ୍କା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡ ରହିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଡିସନାଲ ପିପି ସଞ୍ଜୟ ଜେନା କହିଛନ୍ତି, ୨୦୧୫ ଡିସେମ୍ବର ୨ରେ ପୀଡିତା ମହିଳାଙ୍କ ଘରେ ପଶି ସାଇକେଲ ଚୋରି ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ୨ ଅଭିଯୁକ୍ତ ଟଣା ଘୋଷରା କରିଥିଲେ। ଏପରିକି ପିନ୍ଧା ଡ୍ରେସ ଛିଡ଼ିବା ପରେ ବଳାତ୍କାର ଉଦ୍ୟମ କରିଥିଲେ। ଏହି ୨ ଅଭିଯୁକ୍ତଙ୍କ ଏପରି କାଣ୍ଡ ପରେ ସମ୍ପୃକ୍ତ ମହିଳା ଲୋକଲଜ୍ଜ୍ୟାରୁ ବର୍ତ୍ତିବା ପାଇଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଥାନାରେ ଏ ନେଇ ମାମଲା ହୋଇଥିବା ସେ ସୂଚନା ଦେଇଛନ୍ତି।

# ବିକଶିତ ବଡ଼ଚଣା ଗଠନ କରିବାକୁ ଆହ୍ୱାନ




ବଡ଼ଚଣା ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

**ବଡ଼ଚଣା ପଞ୍ଚାୟତ ସମିତି ବୈଠକ**

**ଚଣ୍ଡିଖୋଲ,୨୫।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ପଞ୍ଚାୟତ ସମିତିର ୧୭ତମ ବୈଠକ ବ୍ଲକ ପରିସର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ମିନତି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳମତ ନିର୍ବିଶେଷରେ ସମସ୍ତେ ଏକ ହୋଇ ବିକଶିତ ବଡ଼ଚଣା ଗଠନ କରିବାକୁ ବିଧାୟକ ଅମର କୁମାର ନାୟକ ଆହ୍ୱାନ କରିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସସ୍ମିତା ମହାନ୍ତି, ଯତିନ୍ଦ୍ର ପ୍ରସାଦ ନାୟକଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥି ସହିତ ପୂର୍ବ ସରକାର ସମୟରେ କାର୍ଯ୍ୟର ବିଲ ପୈଠ ନେଇ ଜନ ପ୍ରତିନିଧି ଅଭିଯୋଗ କରିଥିଲେ। ସମିତି କାର୍ଯ୍ୟାଳୟ ପରିସରରେ ଏକ ଉଚ୍ଚ ଅଟାଳିକା ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମହିଳାଙ୍କ ପାଇଁ ଏକ ପାଇଖାନା ନିମାଣ ପାଇଁ ଅନେକ ମହିଳା ନିବାଚିତ ପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ଏହା ତୁରନ୍ତ କରାଯିବ ବୋଲି ବିଡିଓ ପ୍ରକାଶ କରିଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିମାଇଁ ଚରଣ ଜେନା, ବିଇଓ ସବିତା ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ କୁମାର ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମିଲରଙ୍କ ମନମାନି, ଚାଷୀ ଶୋଷଣ ବିରୋଧରେ ବିକ୍ଷୋଭ

**ନବନିର୍ମାଣ କୃଷକ ସଙ୍ଗଠନ**

ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)



ନବ ନିର୍ମାଣ କୃଷକ ସଙ୍ଗଠନର ନେତା ଓ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି।

ବିଗତ ବର୍ଷଗୁଡିକ ପରି ଚଳିତ ବର୍ଷ ମଧ୍ୟ ମିଲରମାନେ ମନମାନି କରି ଚାଲିଛନ୍ତି। ଧାନ ମଣ୍ଡିଗୁଡ଼ିକରେ କୁଇଣ୍ଟାଲ ପିଛା ମନମୁଖି ଭାବେ ୫ରୁ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ ଧାନ କାଟି ନେଉଛନ୍ତି। ଅଖା ଟଙ୍କା ଦେଉନାହାନ୍ତି। ମିଲର ତୃତୀୟ ପକ୍ଷ ହୋଇ ମଧ୍ୟ ନିଧଡକରେ ସବୁ କିଛି କରିଚାଲିଛି। ଏହାସତ୍ତ୍ୱେ ସେମାନଙ୍କ ଉପରେ ଅଙ୍କୁଶ ଲାଗି ପାରୁନାହିଁ।

ଜିଲାସ୍ତରୀୟ ସ୍କ୍ୱାଡ୍ କେବଳ ନାଁକୁ ମାତ୍ର କରାଯାଇଛି। ଏଭଳି ଅଭିଯୋଗ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମୁଖ୍ୟ ଫାଟକ ପୁଟିକ ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନର ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଅପରାହ୍ନରେ ଧାରଣା ଦିଆଯାଇଛି। ଏହି ଅବସରରେ ସଙ୍ଗଠନ ସଭ୍ୟମାନେ ଟାଉନ ହଲ ନିକଟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ସେଠାରେ ବିକ୍ଷୋଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରା ୧୬୩ ଲାଗୁ ହୋଇଥିବାରୁ ସେଠାରେ ଆନ୍ଦୋଳନ, ବିକ୍ଷୋଭ ଆଦି କରାଯିବାକୁ ମନାକରାଯାଇଥିଲା। ମାତ୍ର ସଙ୍ଗଠନର କର୍ମକର୍ତ୍ତାମାନେ ଏହା ମାନି ନ ଥିଲେ। ପୋଲିସ ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ଏ ସମ୍ପର୍କରେ ଚାଷୀନେତାମାନେ ପ୍ରତିକ୍ରିୟାରେ କହିଛନ୍ତି, ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଯଥା ଧାନର ଅଭାବୀ ବିକ୍ରି ବନ୍ଦ ହେଉଛି ସଙ୍ଗଠନର ମୁଖ୍ୟ ଦାବି। ବିନା କାଟ୍‌ରେ ଜିଲାର ସମସ୍ତ ବଳକା ଧାନ ଯେପରି ଚାଷୀ ମଣ୍ଡିଗୁଡିକରେ ବିକ୍ରି କରିପାରିବେ ସେନେଇ ସରକାର ଦାୟିତ୍ୱବାନ ହୁଅନ୍ତୁ। ଏ ସମ୍ପର୍କରେ ବାରମ୍ବାର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସତ୍ତ୍ୱେ କିଛି ଲାଭ ହେଉନାହିଁ, ଦୁଃଖର କଥା ହେଲା ପ୍ରଶାସନ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ଏହାକୁ କାର୍ଯ୍ୟରେ ପରିଣତ କରୁନାହିଁ। ଏପରି କି ମିଲର ଅନଧିକାର ଭାବେ ଚାଷୀ ଧାନ ଯାଞ୍ଚ କରୁଛି। ଚାଷୀ ଯତ୍ନର ସହ ସଫାସୁତୁରା କରି ଧାନ ଆଣୁଥିବାବେଳେ ରାତି ଅଧିଆ ତା'ଉପରେ ଅତ୍ୟାଚାର, ଶୋଷଣ କରାଯାଉଛି। ଏକଥାକୁ ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଗତ ୨୭ ଜାନୁଆରୀରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ କଟ୍‌ନୀ ଛଟ୍‌ନୀ ହେବନାହିଁ ବୋଲି ଘୋଷଣା କରିଥିଲେ। ଚାଷୀଙ୍କଠାରୁ ଧାନ କିପରି ଠିକ୍ ଭାବେ ଯିବ ସେ ଉପରେ ଅନେକ କିଛି କୁହାଯାଇଥିଲା। କିନ୍ତୁ ଯଥା ପୂର୍ବଂ ତଥା ପରମ୍ ସ୍ଥିତିରେ ଅଛି। ଜିଲାସ୍ତରରେ ସ୍କ୍ୱାଡ୍ ଠିକ ଭାବେ ତଦାରଖ କରୁନାହାନ୍ତି। ବରଂ ମିଲର ଉପରେ ଛାଡି ଦେଇଛନ୍ତି। ଚାଷୀର କଣ୍ଠରୋଧ କରାଯାଉଛି। ପ୍ରଶାସନ, ମିଲର, ମନ୍ତ୍ରୀ ଭିତରେ ମଧୁଚନ୍ଦ୍ରିକା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ଅବହେଳା କରାଯାଉଛି। ଗତ ୭ ତାରିଖରେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ଚିଠିରେ ସୀମିତ ରହିଛି। ଗତ ୧୫ ତାରିଖରୁ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ରାଜଧାନୀରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସତ୍ୟାଗ୍ରହରେ ବସିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ସରକାର ଚେତୁନାହାନ୍ତି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଯଦି ସରକାର ଏ କ୍ଷେତ୍ରରେ ଦାୟିତ୍ୱବାନ ନ ହୁଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ, ଦେବୀପ୍ରସାଦ ମହାରଣା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିଲେ।

## ବଳାତ୍କାର ଉଦ୍ୟମ: ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଥାନାର ଏକ ବଳାତ୍କାର ମାମଲା ନଂ.୧୯୯/୧୫ର ଫଇସଲା ମଙ୍ଗଳବାର ହୋଇଛି। ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲାଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ଏହି ମାମଲାର ଶୁଣାଣି କରି ଇଚ୍ଛାପୁର ଗ୍ରାମର ଦିଲୀପ ଦାସ ଓ ଚଗଲା ମହାରଣାଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥିସହ ଜରିମାନା ବାବଦ ୫୦୦ ଟଙ୍କା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡ ରହିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଡିସନାଲ ପିପି ସଞ୍ଜୟ ଜେନା କହିଛନ୍ତି, ୨୦୧୫ ଡିସେମ୍ବର ୨ରେ ପୀଡିତା ମହିଳାଙ୍କ ଘରେ ପଶି ସାଇକେଲ ଚୋରି ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ୨ ଅଭିଯୁକ୍ତ ଟଣା ଘୋଷରା କରିଥିଲେ। ଏପରିକି ପିନ୍ଧା ଡ୍ରେସ ଛିଡିବା ପରେ ବଳାତ୍କାର ଉଦ୍ୟମ କରିଥିଲେ। ଏହି ୨ ଅଭିଯୁକ୍ତଙ୍କ ଏପରି କାଣ୍ଡ ପରେ ସମ୍ପୃକ୍ତ ମହିଳା ଲୋକଲଜ୍ଜ୍ୟାରୁ ବର୍ତ୍ତିବା ପାଇଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଥାନାରେ ଏ ନେଇ ମାମଲା ହୋଇଥିବା ସେ ସୂଚନା ଦେଇଛନ୍ତି।

## ପାରମ୍ପରିକ ବାଦ୍ୟରେ ହେବ ବିମାନ ଶୋଭାଯାତ୍ରା



ମେଳଣ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଠାକୁରବାଡି ସଦସ୍ୟ ଓ ଅନ୍ୟମାନେ।

**ବାଲିଆ ମେଳଣ ପ୍ରସ୍ତୁତି ବୈଠକ**

ଡେରାବିଶ ୨୫।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀଗୋପାଳଜୀଉ ବାଘିଲୋମଠ ପ୍ରାଙ୍ଗଣରେ ଚଳିତବର୍ଷ ପାଇଁ ବାଲିଆ ଦୋଳ ମେଳଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କମିଟି ସ୍ଥାୟୀ ସଭାପତି ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ ଶ୍ରୀଗୋପାଳ ଜୀଉଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ସମସ୍ତ ମଠାଧିଶଙ୍କ ସମେତ ଠାକୁର ବାଡ଼ି ପରିଚାଳକମାନେ ଯୋଗଦେଇଥିଲେ। ସହସମ୍ପାଦକ ସାରଦା ପ୍ରସନ୍ନ ମିଶ୍ର ପୂର୍ବ ବର୍ଷର ବିବରଣୀ ପାଠ କରିବା ପରେ ଚଳିତବର୍ଷର ମେଳଣ ଚିଠା ପ୍ରସ୍ତୁତି କରାଯାଇଥିଲା। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ସମସ୍ତ ଠାକୁରଙ୍କ ବିମାନ ମେଳଣକୁ ଠିକ୍ ସମୟରେ ଆସିବା ତଥା ପାରମ୍ପରିକ ବାଦ୍ୟ ମାଧ୍ୟମରେ ବିମାନ ଶୋଭାଯାତ୍ରା କରିବାବା ପାଇଁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା। ଏଥିରେ ତାରାପ୍ରସନ୍ନ କାନୁନ୍‌ଗୋଙ୍କ ସମେତ କାର୍ଯ୍ୟକାରୀ ସଭାପତି ପ୍ରଥମ ହଳଧର ଦାଶ, ଦ୍ୱିତୀୟ ସୁପ୍ରଭାତ କାନୁନ୍‌ଗୋ, ସମ୍ପାଦକ ଦେବକୀ ନନ୍ଦନ ମିଶ୍ର, ଆବାହକ କସ୍ତୁରୀ ଚରଣ ପାତ୍ର, ଅଧ୍ୟାପକ ନିଶିକାନ୍ତ ପଣ୍ଡା, ଆକୁଳି ଚରଣ ଲେଙ୍କା, ଦୟାନିଧି ଦାସ, ବସନ୍ତ ମହଲା, ଆଇନଜୀବୀ ପ୍ରଦୀପ କୁମାର ଦାଶ ଓ ପୋଟଳି ମଠ ମାତା ଆନନ୍ଦମୟୀ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ଡ. ନବକିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

## ମୃଦୁ ଭୂକମ୍ପ ପାଇଁ ଡେରାବିଶରେ ଆତଙ୍କ

ଡେରାବିଶ, ୨୫।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ମଙ୍ଗଳବାର ସକାଳ ୬ଟା୧୦ମିନିଟରେ ହଠାତ ମୃଦୁ ଭୂକମ୍ପ ଅନୁଭୁତ ହୋଇଥିଲା। ଅଳ୍ପ ମୁହୁର୍ତ ପାଇଁ ହୋଇଥିବା ଏହି ଭୂକମ୍ପର ପ୍ରଭାବରେ ଘରେ ପଡିଥିବା ଚେୟାର, ଟେବୁଲ ସହ ବିଭିନ୍ନ ଆସବାବପତ୍ର ଦୋହଲି ଉଠିଥିଲା। ସକାଳୁ ଶଯ୍ୟା ତ୍ୟାଗ କରି ନିଜନିଜର ନିତ୍ୟକର୍ମ ପାଇଁ ବ୍ୟସ୍ତ ରହିଥିବା ଜନସାଧାରଣ ହଠାତ ଘର ଭିତର ଜିନିଷଗୁଡ଼ିକ ନ ଥିବା ଦେଖି ଭୟରେ ଘର ଛାଡ଼ି ବହାରକୁ ଦୌଡ଼ିଥିଲେ। ପରେ ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ସୂଚନା ପାଇବା ପରେ ସାଧାରଣରେ ଏ ନେଇ ଆତଙ୍କ ଦେଖାଦେଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ପ୍ରଭାବ ଉପକୂଳବର୍ତ୍ତୀ ଜିଲାଗୁଡିକରେ ଅନୁଭବ ହୋଇଥିଲା। ପୁଣି ଭୂକମ୍ପ ଆଶଙ୍କାରେ ଡେରାବିଶ ଅଞ୍ଚଳବାସୀ ଭୟଭୀତ ରହିଥିବା ଜଣାଯାଇଛି।

## କାବ୍ୟନୈବେଦ୍ୟ ମହାକୁମ୍ଭକୁ ସୁଦୂରପ୍ରସାରୀ କରିଛି



କୃତ ବିଦ୍ୟ ସାହିତ୍ୟିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ପବ୍ଲିକ ରିଡିଂ ରୁମ୍‌ଠାରେ ରାଷ୍ଟ୍ରବାଦୀ ସାମାଜିକ ସଙ୍ଗଠନ ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କବିତା ଆସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ମକର୍ତ୍ତା ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାବ୍ୟନୈବେଦ୍ୟ ମହାକୁମ୍ଭକୁ ସୁଦୂର ପ୍ରସାରୀ କରିଛି ବୋଲି ଅତିଥିମାନେ ମତ ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଡା. ଅମୀୟ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା କବି ଭବାନୀ ପ୍ରସାଦ ମିଶ୍ର, କବି ରଶ୍ମିତା ସେନାପତି, ନବଜ୍ୟୋତି ରାୟ, ବୃନ୍ଦାବନ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ, ମହାକୁମ୍ଭ ସନାତନୀଙ୍କ ପରିଚୟ। ଏହା ଆବହମାନ କାଳରୁ ବିଶ୍ୱଭାତୃତ୍ୱର ପ୍ରତୀକ ହୋଇ ଆସିଛି। ଚଳିତ ମହାକୁମ୍ଭ ସନାତନୀଙ୍କ ବିଶ୍ୱାସ ଓ ଆସ୍ଥାକୁ ଅଧିକ ବୃଦ୍ଧିମନ୍ତ କରିଛି। ପ୍ରାୟ ୬୦ କୋଟି ଲୋକ ପ୍ରୟାଗରାଜରେ ବୁଡ ପକାଇ ସନାତନୀ ପରମ୍ପରାକୁ ଆଗେଇ ନେଇଛନ୍ତି। ଏହି ସମୟରେ ଜୟରାଷ୍ଟ୍ର ଅନୁଷ୍ଠାନ ପକ୍ଷରୁ କବିତା ଆସର ମାଧ୍ୟମରେ ମହାକୁମ୍ଭକୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିବା ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବୃନ୍ଦାବନ ଦାସ, ଆରାଧନା ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଗୋଲାପ ରାଉତ, ଭରତ ଚନ୍ଦ୍ର ଜେନା, ଗୀତାଞ୍ଜଳି ସାହୁ, ଅଜୟ କୁମାର ପାତ୍ର, ରଞ୍ଜନ କୁମାର ବାଇ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ ପ୍ରମୁଖ କବିତା ପାଠ କରିଥିଲେ। କର୍ମକର୍ତ୍ତା ରଶ୍ମୀରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ମଳୟ ସାହୁ, ବୀରେନ୍ଦ୍ର ଦାସ, ସରୋଜ ରାଉତ, ସନ୍ତୋଷ ପୋଥାଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସହର ମଧ୍ୟରେ ଭାରିଯାନ ଚଳାଚଳ ଉପରେ କଟକଣା

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର କୌଣସି ରାସ୍ତାରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ହୋଇପାରିବ ନାହିଁ। ଏହି ସମୟ ମଧ୍ୟରେ ଭାରିଯାନ ଚଳାଚଳ ବନ୍ଦ ରହିବ ବୋଲି କେନ୍ଦ୍ରାପଡା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏକ ନିର୍ଦ୍ଦେଶନାମା ମଙ୍ଗଳବାର ଜାରି କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକମାନେ ପେଟ ପୋଷିବା ପାଇଁ ବିଭିନ୍ନ କର୍ମ ସଂସ୍ଥାନକୁ ଯାଉଛନ୍ତି ଓ ଫେରୁଛନ୍ତି। ସେହିପରି ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ରାସ୍ତାରେ ଯିବା ଆସିବା କରୁଛନ୍ତି। ରାସ୍ତା ଦୁର୍ଘଟଣାର ସମ୍ଭାବନା ରହୁଛି। ଆଞ୍ଚଳିକ ପରିବହନ କର୍ମଚାରୀ ଓ ସ୍ଥାନୀୟ ପୋଲିସ ସଜାଗ ରହି ଭାରିଯାନ ଚଳାଚଳକୁ ବନ୍ଦ କରିବେ। ଏହି ନିୟମକୁ ଭାରିଜାନ ମାଲକ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

## ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଅନୁମୋଦନ ପାଇଁ ସ୍ୱତନ୍ତ୍ର ବୈଠକ

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

ରାଜନଗର ବ୍ଲକର ସ୍ୱତନ୍ତ୍ର ବୈଠକ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅନୁମୋଦନ ପାଇଁ ଏହା ବସିଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ପଞ୍ଚାୟତଗୁଡିକରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ପ୍ରସ୍ତାବ ଆସିଥିବା ପ୍ରକଳ୍ପ ସହ ସରପଞ୍ଚ ଓ ସମିତିସଭ୍ୟ ମିଳିତ ଭାବେ ପ୍ରକଳ୍ପ ତାଲିକା ବୃତାନ୍ତ କରି ୨୮ତାରିଖ ସୁଧା ଦେବେ। କନିଷ୍ଠ ଯନ୍ତ୍ରୀମାନେ ଏହାର ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ମୁଣ୍ଡପିଛା ୨୪୩ ଟଙ୍କା ୮ ପଇସା ହିସାବରେ ପଞ୍ଚାୟତର ଜନସଂଖ୍ୟାକୁ ନେଇ ଚଳିତବର୍ଷ ଅନୁଦାନ ଆସିବ। ପଞ୍ଚାୟତଗୁଡିକ ଅଢ଼େଇ ଗୁଣା ହିସାବରେ ପ୍ରକଳ୍ପ ତାଲିକା ଦେବେ, ପର୍ଯ୍ୟାୟକ୍ରମେ ସମସ୍ତ ଅର୍ଥ ଆସିବ। ଚଳିତ ବର୍ଷ ରାଜନଗର ବ୍ଲକର ୨୯ ପଞ୍ଚାୟତକୁ ୪ କୋଟି ୧୨ ଲକ୍ଷ ୯୯ ହଜାର ୯୩୦ ଟଙ୍କା ଆସିବ। ପର୍ଯ୍ୟାୟକ୍ରମେ ୨୯ ପଞ୍ଚାୟତକୁ ୧୦କୋଟି ୩୨ ଲକ୍ଷ ୪୯ ହଜାର ୮୨୫ ଟଙ୍କା ଆସିବ। ବୈଠକରେ ସାଂସଦଙ୍କ ପ୍ରତିନିଧି ଭାଜପା ନେତା ଲଳିତ କୁମାର ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିବା ସହ ବୈଠକକୁ କାହିଁକି ପଞ୍ଚାୟତ ନିର୍ବାହୀ ଅଧିକାରୀ ଆସୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଭାବେ ବିଜେଡି ନେତା କୈଳାସ ଚନ୍ଦ୍ର ପରିଡା ବୈଠକରେ ଯୋଗଦେଇ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହଯୋଗରେ ପ୍ରକଳ୍ପ କାମ ମଞ୍ଜୁର କରିବାକୁ କହିବା ସହ ଯେଉଁ କାମ ହେଉଛି ତା'ର ବିଲ ଠିକ୍‌ସମୟରେ କରିବାକୁ କହିଥିଲେ। ବୈଠକରେ ଡେରାବିଶ ବ୍ଲକ ଏବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ଅଜୟ କୁମାର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରଶ୍ମୀରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟ ଝୁନୁମୀନା କୁଆଁର, ସୁରେନ୍ଦ୍ର ପ୍ରସାଦ ରାଉତ ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ବୈଠକରେ କାମ ସାରିବା ପରେ ଠିକ୍ ସମୟରେ ବିଲ ହେଉ ନ ଥିବା ନେଇ ସରପଞ୍ଚ, ସମିତିସଭ୍ୟ ଅଭିଯୋଗ କରିଥିଲେ। ଏହାକୁ ଜିପିଓ ଧର୍ମେନ୍ଦ୍ର କୁମାର ଦାଶ ପରିଚାଳନା କରିଥିଲେ।

## ରୋହିଆ ଉଚ୍ଚବିଦ୍ୟାଳୟ ୨୦୧୨ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁ ମିଳନ ଉତ୍ସବରେ ସହପାଠୀମାନେ।

ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)

ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ସରକାରୀ ଉଚ୍ଚବିଦ୍ୟାଳୟର ୨୦୧୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଫେରିଆସନ୍ତା କି ମୋ ପିଲାଦିନ' ଶୀର୍ଷକରେ ସହପାଠୀମାନେ ନିଜ ନିଜର ସ୍କୁଲ ସମୟର ଅନୁଭୂତି ବଖାଣିଛନ୍ତି। ଏହାସହ ଆଗାମୀ ଦିନରେ ନିଜ ବିଦ୍ୟାଳୟର ଉନ୍ନତିରେ କିପରି ସମସ୍ତେ ନିଜର ସହଯୋଗ କରିପାରିବେ ସେନେଇ ମିଳିତ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଏକ ଭୋଜି ଭାତର ଆୟୋଜନ କରାଯାଇଥିଲା।

## ମଦ ଜବତ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୨୫।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ କିଛିଦିନ ହେଲା ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଚାଲିଥିବା ନିଶା କାରବାର ରୋକିବା ପାଇଁ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଆଇଆଇସି ଧୀରଜ ଲେଙ୍କା ବିଭିନ୍ନ ସ୍ଥାନରେ ଚଢାଉ କରି ସାନଜରିଆ ପଞ୍ଚାୟତନିଗିନିପୁର ଭେଡି ସାହି ଅଞ୍ଚଳରୁ ୯୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛନ୍ତି। ମଦ ବିକ୍ରି ଅଭିଯୋଗରେ ମାସୁଦେବ ସେଠୀଙ୍କୁ ଗିରଫ କରି ଥାନାକୁ ଆଣିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକୁ ଗୁରୁତ୍ୱ

- ରାଜକନିକା ପଞ୍ଚାୟତ ସମିତିର ୭ମ ଅଧିବେଶନ
- କଣ୍ଟପଡା ସରପଞ୍ଚ ଉନ୍ନୟନ କାର୍ଯ୍ୟ ନ ହେବାରୁ ତଳେ ବସି ପ୍ରତିବାଦ

ରାଜକନିକା, ୨୫।୨
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର ଦାସ)




ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ରାଜକନିକା ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧିବେଶନ ଆରମ୍ଭରୁ କଣ୍ଟପଡ଼ା ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା ପଞ୍ଚାୟତରୁ ଜଳ ଯୋଗାଣରେ ବିଦ୍ୟୁତ୍ ସଂଯୋଗୀକରଣ ଛିନ୍ନ କରାଯାଇଥିବା ନେଇ ତଳେ ବସି ପ୍ରତିବାଦ କରିଥିଲେ। ସରପଞ୍ଚଙ୍କୁ ବିଡିଓ ଓ ବ୍ଲକର ଅନ୍ୟ କର୍ମଚାରୀ ବୁଝାଶୁଝା କରିବା ପରେ ସରପଞ୍ଚ ତଳୁ ଉଠି ନିଜ ଚୌକିରେ ବସିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ପାଇଁ ବିଶେଷ ଭାବେ ଆଲୋଚନା ହୋଇଥିଲା। ୨୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ନିଜ ନିଜର ଦାବି ଉପସ୍ଥାପନା କରିଥିଲେ। ଏହି ଅଧିବେଶନରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରେ ଆରମ୍ଭ କରିଥିବା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ବୋଲି ବିଡିଓ ସୂଚନା ଦେବା ସହ ଯେଉଁ ପଞ୍ଚାୟତରେ ଯାହା ଯାହା ସମସ୍ୟା ରହିଛି ତାହା ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି। ଏହି ଅଧିବେଶନରେ ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ସାଂସଦଙ୍କ ପ୍ରତିନିଧି ଦୀପକ କୁମାର ମଲ୍ଲିକ, ଅଧ୍ୟକ୍ଷ ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ବିଡିଓ ମହାଳିକ, ତହସିଲଦାର ଅଶୋକ କୁମାର ଦେହୁରୀ ଓ ୨୯ନଂ. ଜିଲା ପରିଷଦ ସଭ୍ୟା ଅମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠଙ୍କ ଆଶୀର୍ବାଦ ପିଢ଼ି ପରେ ପିଢ଼ି ବଞ୍ଚାଇବ

**ସାନଆଙ୍କୋ ଗ୍ରାମରେ ପୂଜ୍ୟପୂଜା ସମାରୋହ**

ଆଳି, ୨୫।୨ (ବନମାଳୀ ସେନାପତି)



ବୃଦ୍ଧାବୃଦ୍ଧଙ୍କୁ ଯୁବକମାନେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଆଳି ବ୍ଲକ ସାନଆଙ୍କୋ ଗ୍ରାମରେ ବାବା ଧବଳେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଓ ନବମ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାନଆଙ୍କୋ ଯୁବ ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ପୂଜ୍ୟପୂଜା ସମାରୋହ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ରାଉତଙ୍କ ସଭାପତିତ୍ୱ ଓ ସୁଶାନ୍ତ ନାୟକ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଡା. ଶୁଭ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରମୋଦ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ସଭା ସ୍ଥଳକୁ ଯୁବ ପରିଷଦର ସଦସ୍ୟ ପାଛୋଟି ନେଇଥିଲେ। ଯୁବକମାନେ ବୟସ୍କମାନଙ୍କ ପାଦ ପ୍ରକ୍ଷ୍ୟାଳନ ପରେ ଯୁବତୀମାନେ ସିନ୍ଦୁର, ଚନ୍ଦନ ଲଗାଇ ବନ୍ଦାପନା କରିଥିଲେ। ଅତିଥିମାନେ ବୟସ୍କଙ୍କୁ ଉତ୍ତରୀୟ ପ୍ରଦାନ କରି ଆଶୀର୍ବାଦ ନେଇଥିଲେ। ଗ୍ରାମର ମହିଳାପୁରୁଷ ଓ ଶିଶୁମାନେ ବୟସ୍କମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଡା. ଦାଶ କହିଥିଲେ, ସନାତନ ଧର୍ମ ଆଜିବି ଅକ୍ଷୁର୍ଣ୍ଣ ରହିଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ସାନଆଙ୍କୋ ଗ୍ରାମର ଏହି ପୂଜ୍ୟପୂଜା ସମାରୋହ। ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କୁ ଯେଉଁଭଳି ଭାବେ ପୂଜ୍ୟପୂଜା କରାଯାଉଛି ତାହା ଏବେ ସବୁଠି ହେବାର ଆବଶ୍ୟକତା ରହିଛି। ସମ୍ପତ୍ତି ଆପଣମାନଙ୍କୁ ଗୋଟିଏ ପିଢ଼ି ବଞ୍ଚାଇ ପାରିବ, କିନ୍ତୁ ବରିଷ୍ଠମାନଙ୍କ ଆଶୀର୍ବାଦ ପିଢ଼ି ପରେ ପିଢ଼ି ବଞ୍ଚାଇବ ବୋଲି ସେ କହିଥିଲେ। ସମାରୋହରେ ଭରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶରତ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ରଶ୍ମିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବ ପରିଷଦର ଗଗନ ଦାଶ, ପ୍ରଭାତ ପାଢ଼ୀ, ସୁବାସ ସ୍ୱାଇଁ, ପ୍ରତାପ ରାଉତ, ଅକ୍ଷୟ ସ୍ୱାଇଁ, ଗୋଲେଖ ବେହେରା, ପ୍ରଶାନ୍ତ ବସନ୍ତ, ପ୍ରଦ୍ୟୁମ୍ନ ରାଉତ, ସଂଗ୍ରାମ ପାତ୍ର, ନିରାକାର ପାତ୍ର, ପୁରୁଷୋତ୍ତମ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଉ ନ ଥିବାରୁ ଉଦ୍‌ବେଗ

ନୟାଗଡ଼,୨୫।୨(ଲୋକନାଥ ମିଶ୍ର) : ନୟାଗଡ଼ ବ୍ଲକର ସମ୍ମିଳନୀ କକ୍ଷରେ ବ୍ଲକର ନବମ ସାଧାରଣ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ୮୦ ବର୍ଷର ବର୍ଦ୍ଧିତ ଭତ୍ତା ସାଢ଼େ ୩ ହଜାର ଅନେକ ହିତାଧିକାରୀ ପାଇବାରୁ ବଞ୍ଚିତ ହେଉଥିବାରୁ ସଭ୍ୟମାନେ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆବାସ ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀ ଚିହ୍ନଟ କରିବାକୁ କୁହାଯାଇଛି । ସର୍ଭେ ମାର୍ଚ୍ଚ ୩୧ ଯାଏ ହେବାକୁ ଥିବାବେଳେ ଫେବୃଆରୀ ୨୮ ଭିତରେ ହିତାଧିକାରୀ ଚୟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ତୋଦୟ ଗୃହ ଯୋଜନାରେ ପ୍ରତି ପଞ୍ଚାୟତରେ ୧୫ ଜଣ ମାଗଣା ଘର କରି ପାରିବେ । ସରକାର ଏଥିପାଇଁ ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦେବେ । ଏଣୁ ତୁରନ୍ତ ହିତାଧିକାରୀ ଚିହ୍ନଟ କରି ୨୮ ତାରିଖ ଭିତରେ ରିପୋର୍ଟ ଦେବାକୁ ସରପଞ୍ଚ, ସିମତି ସଭ୍ୟ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଡିଓ ପରାମର୍ଶ ଦେଇଛନ୍ତି । ଗାଁ ବିଦ୍ୟୁତ୍‌କରଣ ପ୍ରହସନ ପାଲଟିଛି । ଗାଁର ବିଦ୍ୟୁତ୍ ଖୁଣ୍ଟରେ ବଲ୍‌ବ ଜଳୁନି । ଏହାର ସମାଧାନ ପାଇଁ ଦାବି ଉଠିଥିଲା । ମେଗା ପନୀୟ ଜଳ ପ୍ରକଳ୍ପରେ ପାଇପ୍ ବିଛା କାର୍ଯ୍ୟ ଅନେକ ଗାଁରେ ହୋଇ ନାହିଁ । ପାଇପ୍ ବିଛା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କୁହାଯାଇଛି । ସରପଞ୍ଚ ଓ ସମିତି ସଭ୍ୟମାନେ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟରେ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ବିଭାଗର ୯ଟି ନୂଆ ସବ୍‌ସେଣ୍ଟର ଘୋଷଣା ହୋଇଛି । ନୂଆ ଏଏନଏମ୍ ପୋଷ୍ଟିଂ ହୋଇଛନ୍ତି । ସବ୍ ସେଣ୍ଟରର ଘର ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦେଇ ଆଲୋଚନା କରାଯାଇଥିଲା । ଶିକ୍ଷା,ବିଦ୍ୟୁତ୍ ପରି ଅନେକ ବିଭାଗର ଅଧିକାରୀ ବୈଠକକୁ ଆସୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଡିଓ ଐଶ୍ୱର୍ଯ୍ୟ ଭୁୟାଁ ବୈଠକକୁ ପରିଚାଳନା କରିଥିଲେ ।


ନୟାଗଡ ବ୍ଲକର ନବମ ଅଧିବେଶନରେ ଯୋଗଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ।

- ନୟାଗଡ ବ୍ଲକର ୯ମ ଅଧିବେଶନ
- ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ଚୟନକୁ ଗୁରୁତ୍ୱ

# ଚୋରା ମଦ,ଗଞ୍ଜେଇ ଜବତ : ୬ ଗିରଫ

ଦଶପଲ୍ଲା,୨୫।୨( ପ୍ରକାଶ କୁମାର ପାଣି): ମଙ୍ଗଳବାର ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ୫୫ ଲିଟର ଚୋରା ମଦ ଜବତ କରାଯିବା ସହିତ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସଞ୍ଜୟ ସାହୁ ଏବଂ ବସନ୍ତ ସାହୁ । ଏମାନେ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ଗିରଫ କରାଯାଇଥିଲା । ସଞ୍ଜୟଠାରୁ ୩୦ଲିଟର ମଦ ଏବଂ ବସନ୍ତଙ୍କଠାରୁ ୨୫ ଲିଟର ମଦ କରାଯାଇଛି । ସେହିପରି ଦଶପଲ୍ଲା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଟାକେରା ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ୩ ବାଇକକୁ ମଧ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଭିମନ୍ୟୁ ଦାଶ, କୈଳାସ ମଲିକ, ରିତୁ ଦିଗଲ, ଏବଂ ପ୍ରତାପ ଦିଗଲ । ସେମାନେ ବାଇକ୍‌ରେ ଗଞ୍ଜେଇ ଧରି ଯାଉଥିବାର ଖବର ପାଇ ଦଶପଲ୍ଲା ପୋଲିସ ପକ୍ଷରୁ ସେମାନଙ୍କ ପିଛା କରାଯାଇ ଟାକେରାଠାରୁ ଜବତ କରାଯାଇଥିଲା । ଏସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ମାମଲା(ନଂ. ୪୫/୨୫ ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦଶପଲ୍ଲା ଥାନା ଆଇଆଇସି ଅନିତା ସାହୁଙ୍କ ସୂତ୍ରରୁ ପ୍ରକାଶ ।

# ପାଣି ନ ଦେବାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଚାରା ମରିଲାଣି


ପାଣି ବିନା ମରିଯାଇଥିବା ଚାରା ।

- ବନବିଭାଗର ଚେତା ପଶୁନି
- ବେସରକାରୀ ଜମିରେ ପଡିଛି ଚାରା
- ଚାରା ହଟାଇବାକୁ ଜମି ମାଲିକଙ୍କ ଅଭିଯୋଗକୁ ଅଣଦେଖା

ନୟାଗଡ଼,୨୫।୨(ଲୋକନାଥ ମିଶ୍ର): ନୟାଗଡ଼ ବନଖଣ୍ଡ ଖଣ୍ଡପଡା ରେଞ୍ଜ ସିଘଂପଡା ଫରେଷ୍ଟ କାର୍ଯ୍ୟାଳୟ ଅଧୀନ ଗୋଛାବାରୀ ଗାଁରେ ବେସରକାରୀ ଜମିରେ ପଡିଥିବା ଚାରା ପାଣି ନ ଦେବାରୁ ମରି ଯାଉଥିବା ଅଭିଯୋଗ ହୋଇଛି ।ଗତ କିଛି ଦିନ ମଧରେ ୧୦ ହଜାରରୁରୁ ଊର୍ଦ୍ଧ୍ୱ ଚାରା ମରି ଗଲାଣି । ଚାରା ରୋପଣ ପାଇଁ ବନବିଭାଗ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବାବେଳେ କାହିଁକି ଚାରା ଗୁଡିକୁ ମରିବାକୁ ଦିଆଯାଉଛି ତାହା ବୁଝା ପଡୁନି । ଅବଶିଷ୍ଟ ଚାରା ମରିଯିବାକୁ ବସିଛି । ଜମିରୁ ଚାରା ହଟାଇବାକୁ ଜମି ମାଲିକ ବାରମ୍ବାର ଖଣ୍ଡପଡା ରେଞ୍ଜରଙ୍କୁ ଅବଗତ କରାଉଥିଲେ ମଧ୍ୟ ସୁଫଳ ମିଳୁନି । ଏନେଇ ଜମି ମାଲିକ ଚନ୍ଦ୍ର ଶେଖର ବାରିକ କୁହନ୍ତି, ମୋର ୧ ଏକର ଜମିରେ ବର୍ଷକ ପାଇଁ ବନବିଭାଗ ବାଉଁଶ, ଲିମ୍ବ, ପରି ପ୍ରାୟ ୯୦ ହଜାର ଚାରା ପକାଇଥିଲେ । ୨୦୨୨-୨୩ ରେ ଚାରା ପଡିଥିଲା। ୧ବର୍ଷ ପାଇଁ ୫ ହଜାର ଟଙ୍କା ଦେବେ ବୋଲି କହିଥିଲେ । ମାତ୍ର ୩ ହଜାର ୫୦୦ ଦେଇଛନ୍ତି । ଅବଶିଷ୍ଟ ଅର୍ଥ ଦେଉ ନାହାନ୍ତି କି ଚାରା ହଟାଉ ନାହାନ୍ତି । ଇତିମଧ୍ୟରେ ୩ ବର୍ଷ ବିତି ଯିବାକୁ ବସିଥିବାବେଳେ ବନବିଭାଗର ପଦକ୍ଷେପ ନ ଥିବାରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାରା ନଷ୍ଟ ହୋଇଗଲାଣି । ମୁଁ ଜଣେ ଗରିବ ଲୋକ। ଜମିରେ ଫସଲ କଲେ ମୋର ପରିବାର ଚଳେ । ବନବିଭାଗ ମୋର ପ୍ରାପ୍ୟ ମୋତେ ନ ଦେଇ ହଇରାଣ କରିଥିବା ଅଭିଯୋଗ ହୋଇଛି । ତୁରନ୍ତ ମୋ ଜମିରୁ ଚାରା ହଟା ଯାଉ ବୋଲି ପୁଣି କଣ୍ଡପଡା ରେଞ୍ଜରଙ୍କୁ ସେ ନିବେଦନ କରିଛନ୍ତି ।

## ଖବରକାଗଜ ବିତରକ ସଂଘର ୫.୪୧ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର, ୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଖବରକାଗଜ ବିତରକ ସଂଘର ୫.୪୧ଲକ୍ଷ ଟଙ୍କା ଜଣେ ସଦସ୍ୟ ଠକେଇ କରିଥିବା ସଂଘ ସଭାପତି ହରିକୃଷ୍ଣ ପାଢ଼ୀ ଅଭିଯୋଗ କରିଛନ୍ତି। ଗୋଷାଣିନୁଆଗାଁ ପୋଲିସ ନଂ.୭୨/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୂର୍ବରୁ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲିଜ ବୈଠକ ହୋଇଥିଲା। ୨୦୨୩ ଅକ୍ଟୋବର ୧୦ରୁ ୨୦୨୪ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଲିଜ ଆହ୍ୱାନ କରାଯାଇଥିଲା। ବର୍ଷକ ପାଇଁ ୭ ଲକ୍ଷ ୫୧ ହଜାର ଟଙ୍କାରେ ଲିଜ ନେଇଥିଲେ ସଂଘର ଜଣେ ସଦସ୍ୟ। ସଂଘର ବ୍ୟାଙ୍କ ଆକାଉଣ୍ଟରେ ସେ ୨ଲକ୍ଷ ଟଙ୍କା ଜମା କରିଥିବା ବେଳେ ନଗଦ ୧୦ହଜାର ଟଙ୍କା ଦେବା ସହ ବଳକା ୫ଲକ୍ଷ ୪୧ହଜାର ଟଙ୍କା ଲିଜ ସରିବା ପରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଲିଜ ଅବଧି ସରିବା ପରେ ମଧ ଏହି ଟଙ୍କା ସେ ପୈଠ କରିନଥିଲେ । ସଂଘ ପକ୍ଷରୁ ତାଙ୍କୁ ବାରମ୍ବାର ଏନେଇ ଅବଗତ କରାଯାଇଥିଲା। ଶେଷରେ ସେ ଓ ତାଙ୍କ ସ୍ତ୍ରୀ ସଭାପତିଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଜୀବନପ୍ରତି ବିପଦ ଥିବା ଦର୍ଶାଇ ସଭାପତି ଶେଷରେ ଏନେଇ ଥାନାରେ ଏତଲା ଦେଇଥିଲେ।

# ଜିଲାର ୨ ଜଳଭଣ୍ଡାର ପୁନରୁଦ୍ଧାର ହେବ


ଭଞ୍ଜନଗର ଜଳଭଣ୍ଡାରରେ ଜଳର ସ୍ଥିତି।

ବ୍ରହ୍ମପୁର,୨୫।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ଜଳସମ୍ପଦ ବିଭାଗ ପକ୍ଷରୁ ଥିବା ଜଳଭଣ୍ଡାରଗୁଡିକ ପଟୁମାଟିରେ ପୋତି ହୋଇପଡିଲାଣି। ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି ହେବା ପରେ ସବୁ ସୁରକ୍ଷିତ ବୋଲି ବାହାସ୍ଫୋଟ ମାରୁଥିବା ଜଳ ସମ୍ପଦ ବିଭାଗ ଏବେ ଦୁଇ ଜଳଭଣ୍ଡାରର ପନରୁଦ୍ଧାର କରିବା ପାଇଁ ଅଣ୍ଟା ଭିଡିଛି। ବ୍ରହ୍ମପୁର ଜଳସେଚନ ବିଭାଜନରେ ଧନେଇ, ଚିକିଟି ଜଳସେଚନ ବିଭାଜନରେ ଘୋଡାହାଡ, ବାଘଲଟି, ଘଟକେଶ୍ୱର ଏବଂ ଭଞ୍ଜନଗର ଜଳସେଚନ ବିଭାଜନ ଅଧୀନରେ ଭଞ୍ଜନଗର ଓ ସୋରଡା ଜଳଭଣ୍ଡାର ରହିଛି। ପ୍ରତିବର୍ଷ ବିଶେଷ କରି ଖରିଫ ଋତୁରେ ଧାନ ସହ ଅଣଧାନ ଚାଷ ପାଇଁ ଉକ୍ତ ଜଳଭଣ୍ଡାରରୁ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ପ୍ରତିବର୍ଷ ଖରିଫ ଋତୁରେ ପାଣିର ଅଭାବ ଦେଖାଦେଉଥିଲେ ମଧ ଡ୍ୟାମ ସେଫ୍ଟି ବିଭାଗ ଜଳଭଣ୍ଡାରଗୁଡିକର ସ୍ଥିତି ପ୍ରତି ଦୃଷ୍ଟି ନଦେଇ ନୀରବି ଯାଉଥିଲା। ଚଳିତବର୍ଷ ବିଭିନ୍ନ ଅଞ୍ଚଳରେ ପାଣି ଅଭାବ ଯୋଗୁ ଧାନ ଫସଲ ନଷ୍ଟ ହୋଇଥିଲା। ଯେନତେନ ପ୍ରକାରେ ଚାଷୀମାନେ ଫସଲର ସୁରକ୍ଷା କରିଥିଲେ। ପରେ କଥା ଉଠିଥିଲା ଜଳଭଣ୍ଡାରଗୁଡିକରୁ ପାଣି ନ ମିଳିବାରୁ ସ୍ଥିତି ଏଭଳି ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ମଧ ଚାଷୀଙ୍କୁ କିଭଳି ପାଣି ଦିଆଯିବ ସେଥିପ୍ରତି ସତର୍କ ରହିବାକୁ ଜଳ ସେଚନ ବିଭାଜନଗୁଡିକୁ ପରାମର୍ଶ ଦିଆଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ଆସିଯାଇଛି। ସବୁ ଜଳଭଣ୍ଡାର ଶୁଖି ଆସିଲାଣି। ତେବେ ଭଞ୍ଜନଗର ଓ ସୋରଡା ଜଳଭଣ୍ଡାର ପାନୀୟ ଜଳ ସାଙ୍ଗକୁ ସେଚ ବ୍ୟବସ୍ଥା ପ୍ରତି ବହୁଳ ବ୍ୟବହୃତ ହେଉଥିବାରୁ ସେଥିରୁ ପଟୁମାଟି କାଢ଼ିବା କଥା ଏବେ ଜଳସମ୍ପଦ ବିଭାଗର ମନେ ପଡିଛି। ତଥାପି ସବୁ ଜଳଭଣ୍ଡାର ସୁରକ୍ଷିତ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କୁହନ୍ତି ଚଳିତବର୍ଷ ପର୍ଯାପ୍ତ ପାଣି ଜଳଭଣ୍ଡାରଗୁଡିକରୁ ଚାଷୀଙ୍କୁ ମିଳିନାହିଁ। ଯେତିକି ପାଣି ଛଡାଯାଇଛି ତାହା ତଳମୁଣ୍ଡକୁ ଯାଇପାରିନାହିଁ। ତେଣୁ ଫସଲ ପ୍ରଭାବିତ ହୋଇଛି। ଜଳଭଣ୍ଡାରଗୁଡିକ ଦିନକୁ ଦିନ ପୋତି ହୋଇ ପଡୁଥିବାରୁ ଚାଷୀଙ୍କ ଚାଷ ପାଇଁ ପାଣିର ଅଭାବ ଦେଖାଦେଉଥିବା ସେ କହିଛନ୍ତି। ସମସ୍ତ ଜଳଭଣ୍ଡାରରୁ ପଟୁମାଟି କାଢ଼ିବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାରେ ଯେଉଁ ୬ ଜଳଭଣ୍ଡାର ରହିଛି ସବୁଥିରେ ପାଣି ଯେତିକି ରହିବା କଥା ରହୁଛି। ଚାଷୀଙ୍କୁ ପାଣି ଦିଆଯାଇଛି। ଚଳିତବର୍ଷ ଜଳାଭାବ କଥା ପଚାରିବାରୁ ସେ ବର୍ଷାକୁ ଦୋଷ ଦେଇ ଜଳଭଣ୍ଡାର ଠିକ ଥିବା କଥା କହିଥିଲେ। ବର୍ତ୍ତମାନ ଭଞ୍ଜନଗର ଜଳଭଣ୍ଡାରରୁ ପଟୁମାଟି କାଢ଼ିବା ପାଇଁ ପ୍ରସ୍ତୁତି ଚାଲିଛି। ସୋରଡା ଜଳଭଣ୍ଡାରରୁ ପଟୁମାଟି ପାଇଁ ଡିପିଆର ପ୍ରସ୍ତୁତ ହୋଇ ସାରିଛି। ତାହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ଟେକ୍‌ନିକାଲ କମିଟି ମଂଜୁର କଲା ପରେ କାର୍ଯ୍ୟାରମ୍ଭ ହେବ ବୋଲି ସେ କହିଥିଲେ।

# ପୋଷ୍ଟକାର୍ଡ ଅଭିଯାନରେ ଆନ୍ଦୋଳନ ଚେତାବନୀ

## ଗଞ୍ଜାମ ଜିଲା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ବୈଠକ


କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଓଡ଼ିଶା ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପୋଷ୍ଟକାର୍ଡ ଅଭିଯାନର ଶୁଭାରମ୍ଭ କରି ଦାବି ପୂରଣ ପାଇଁ ଆନ୍ଦୋଳନ ଚେତାବନୀ ଦେଇଛି। ମଙ୍ଗଳବାର ବ୍ରହ୍ମପୁର ସିଡିଏମଓ କାର୍ଯ୍ୟାଳୟର ନୂତନ ସଭା ଗୃହରେ ଅନୁଷ୍ଠିତ ବୈଠକରୁ ଏହା ସ୍ପଷ୍ଟ ହୋଇଛି। ଏଥିରେ ୧୩୫ କର୍ମଚାରୀଙ୍କ ସହ ସଂଘର ରାଜ୍ୟ ସଭାପତି ପଞ୍ଚାନନ ଦାଶ ଯୋଗଦେଇଥିଲେ। ଆନ୍ଦୋଳନ ଚେତାବନୀ ଲେଖାଥିବା ପ୍ରାୟ ୪୨୦୦ ପୋଷ୍ଟକାର୍ଡକୁ ମୁଖ୍ୟମନ୍ତ୍ରୀ, ଭାଜପା ସଭାପତି, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାସ୍ଥ୍ୟମନ୍ତ୍ରୀ, ଭା ଜ ପା ସଭାପତି, ସାସ୍ଥ୍ୟ ସଚିବ ଓ ସାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓଡ଼ିଶାଙ୍କୁ ପଠାଯିବାକୁ ସ୍ଥିର କରାଯାଇଛି। ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୨୦ ବର୍ଷ ଧରି କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦାବି ପୂରଣ ନହେବାରୁ ଏଭଳି ନିଆରା ଅଭିଯାନ ଆରମ୍ଭ ହୋଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟ କଥା ବୁଝୁଥିବା କର୍ମଚାରୀଙ୍କ ନିଜ ସ୍ୱାସ୍ଥ୍ୟ ବିପଦରେ ପଡିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହ ସହ ଯୋଜନାରେ ନିଜକୁ ପୂର୍ଣ୍ଣ ସମର୍ପିତ କରି ଓଡ଼ିଶା ସାସ୍ଥ୍ୟ ବିଭାଗକୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ତ୍ୟାଗ ସ୍ୱୀକାର କରିଛନ୍ତି। କାଲି ଏତିକି ନୁହେଁ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ଏବଂ କରୋନା ମହାମାରୀ ରୋଗର ସଫଳତାର ସହିତ ସଠିକ ପରିଚାଳନା କରିଚାଲିଛନ୍ତି। ପୂର୍ବ ସରକାରଙ୍କୁ ବାରମ୍ବାର ଗୁହାରୀ କରି ବିଫଳ ହୋଇଥିବାବେଳେ ନୂଆ ସରକାରଙ୍କ ନିକଟରେ ୮ ମାସ ହେଲା ଦାବି କରି ଆସୁଛନ୍ତି। ଏହାରି ମଧରେ ଅନେକ କର୍ମଚାରୀ ତାଙ୍କର ଯୁବାବସ୍ଥା ହରାଇ ସାରିଲେଣି ତ ଅନେକ ନିଜର ମାନସିକ ଦୁଶ୍ଚିନ୍ତା କାରଣରୁ ବହୁ ରୋଗରେ ଶିକାର ହୋଇ ବିଗତ ୩ ମାସ ମଧରେ ୭ କର୍ମଚାରୀଙ୍କ ମୃତ୍ୟୁ ହେଲାଣି। ତେଣୁ ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଯଦି ଆଗମୀ ଦିନରେ ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନଙ୍କ ଚାକିରି ସ୍ଥାୟୀ କରିବା, ସର୍ବନିମ୍ନ ଦରମା ୪୦ ହଜାର, ନିଃଶୁଳ୍କ ପରିବାର ସାସ୍ଥ୍ୟବୀମା, ଘରଭଡା ଓ ମହଙ୍ଗା ଭତ୍ତା ସହିତ ସରକାରୀ ନିୟମ ଅନୁସାରେ ଛୁଟି ପ୍ରଦାନ ଇତ୍ୟାଦି ଦାବି ନ ଶୁଣିଲେ ଅସେନ୍ତାଷର ନିଆଁ ଜଳିବ ବୋଲି ଉକ୍ତ ପୋଷ୍ଟକାର୍ଡରେ ଉଲ୍ଲେଖ ରହିଛି ବୋଲି ଓଡ଼ିଶା ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଜିଲ୍ଲା ସମ୍ପାଦକ ମହେଶ କୁମାର ସାହୁ କହିଛନ୍ତି। ଏଥି ସହିତ ସରକାରଙ୍କ ସମସ୍ତ କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି କୁହିଛନ୍ତି। ଏ ବୈଠକରେ କୋଷାଧ୍ୟକ୍ଷ ଏ. ଶଙ୍କର ରେଡି,ଜିଲା ଉପ ସଭାପତି ଅନନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ରିଣ୍ଟୁ କୁମାର ନନ୍ଦ, ଜିଲା ସଂଯୋଜକ ବିଦେଶୀ ଜେନା, ରାଜ୍ୟ ସଂଯୋଜକ ସଂଜୟ କୁମାର ପରିଡା, ଜୋନାଲ ସଂଯୋଜକ ଆଶିଷ କୁମାର ମିଶ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଢେଙ୍କାନାଳ ଟିମ୍ ବିଜୟୀ

## ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



ମଙ୍ଗଳବାର ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିବା ଅତିଥି ।

ଖଣ୍ଡପଡ଼ା,୨୫।୨ (ଅଜୟ କୁମାର ମହାରଣା):

ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଢେଙ୍କାନାଳର ପପୁଲାର କ୍ଲବ୍ ବିଜୟୀ ହୋଇଛି । ଆଜିର ମ୍ୟାଚରେ ପପୁଲାର ଫୁଟବଲ କ୍ଲବ ଟ୍ରାଏବ୍ରେକର ପଦ୍ଧତିରେ ୭-୬ ଗୋଲରେ ଖଣ୍ଡପଡା ସ୍ପୋର୍ଟସ୍‌କୁ ହରାଇ ତୃତୀୟ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧରେ ଖଣ୍ଡପଡ଼ ଦଳ ୨ଟି ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଫୁଟବଲ କ୍ଲବ ୨ଟି ଗୋଲ ଶୁଝାଇ ଦେଇଥିଲା। ଖେଳ ଅମିମାଂସିତ ଭାବେ ଶେଷ ହେବାରୁ ଟ୍ରାଏବ୍ରେକର ପଦ୍ଧତି ଗ୍ରହଣ କରାଯାଇଥିଲା । ଏଥିରେ ଖଣ୍ଡପଡ଼ା ଦଳ ୬ଟିଗୋଲ ସ୍କୋର କରିଥିବା ବେଳେ ଢେଙ୍କନାଳ ଦଳ ୭ ଗୋଲ ସ୍କୋର କରି ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଓ ମୁଖ୍ୟ ଆୟୋଜକ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ପାଇକରାୟ, ଆରସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ପଣ୍ଡିତ ମନୋଜ ଦାସ, ସାମାଜିକ କର୍ମୀ ଚିତ୍ତ ରଜନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ରେଫରୀ ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ । ବୁଧବାର ୪ର୍ଥ କ୍ୱାଟର ଫାଇନାଲରେ ରକ୍‌ଷ୍ଟାର କଟକ ସହ କଳିଙ୍ଗ ସ୍ପୋର୍ଟ୍ସ ଭୁବନେଶ୍ୱର ମଧରେ ମୁକାବିଲା ହେବ ବୋଲି କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତଙ୍କଠାରୁ ସୂଚନା ମିଳିଛି ।

